ବିରୂପାକ୍ଷ ସଙ୍ଗେ ସମର
ଚଳନ୍ତି ଥାଠ ସେ ଯେ ତିନିପୁଣ ମାଡି
ପ୍ରଥମ ଦିନ ଗଲେ ଯେ ପଥ ବଢି । ୧
ସମ୍ପୃରେ ହସ୍ତିନାକୁ ଚଳଇ କୁରୁସାଇଂ
ଶତେକ ଭ୍ରାଥ ଘେନି ନୃପମଣି ଆସଇ । ୨
ୟେମନ୍ତର ସମୟେ ଯେ ବିରୂପାକ୍ଷ ବୀର
ଶୂନ୍ୟେଣ ରଥ ଚଢି ଭ୍ରମଇ ଅସୁର । ୩
ବ୍ରହ୍ମାର ବରେ ସେ ଯେ ଅମାପ ବଳବନ୍ତା
ଯାହାର ଧନୁ ଧରନ୍ତେ କ- ଇ ବିଧାତା । ୪
ଭ୍ରମଣ କରନ୍ତେ ସେ ଚାହିଂଲା ଶୂନ୍ୟେଣ
ବୀର ବାଦ୍ୟମାନ ଶୁଭିଲା ଶ୍ରବଣ । ୫
ବିଜୟା ସାରଥିକି ବୋଇଲା ଅସୁର
ଅଦଭୁତେ ବନେଣ ଯେ ବାଜି ବୀର ତୂର । ୬
କେବମ ରାଜାୟେ ଯେ ଆସଇ ରଥ ବାହି
କାହାର ୟେତେ ଦର୍ପ ବୀର ତୂର ବଜାଇ । ୭
ୟେମନ୍ତ ଶୁଣି ସାରଥି ଅନ୍ତରୀକ୍ଷେ ଚାହିଂ
କୁରୁବଳ ଥାଠ ନ ଦିଶଇ ମହୀ । ୮
ବିଜୟା ସାରଥି ବୋଇଲା ଭୋ ଦେବ
କେବଣ ରାଜା ମର୍ତ୍ତ୍ୟେ ବଡାଇ ସୁଲଭ । ୯
ଶୁଣିଣ ବିରୂପାକ୍ଷ ବୋଲଇ କ୍ରୋଧେଣ
ବାହା ମୋର ରଥ ଅଜଙ୍ଗ ନାମେ ବନ । ୧୦
ସହସ୍ରେ ସାର୍ଦ୍ଦୋଳ ଯୋଚିଲା ଅଛି ତହିଂ
ତିନି ଦଣ୍ଡେ ତିନି ଭୁବନେ ଭ୍ରମଇଂ । ୧୧
ତତକ୍ଷଣେ ସାରଥି ଟେକିଲାକ ଯାନ
ରାହୁ ଗ୍ରାସ କଲା କି ପୂର୍ଣ୍ଣମୀର ଜହ୍ନ । ୧୨
ଲୋହାର ରଥ ସେ ଯେ ଯେବଣ ନିର୍ଜିତା
ଦୀର୍ଘ ପ୍ରତି ତାର ଅଟଇ ଆୟୁତା । ୧୩
ବାବୁ ସେ ରଥ ତାର ଦେବ ରଥ ଜାଣି
ପନ୍ତି ପନ୍ତି ଲମ୍ବନ୍ତି ଅଷ୍ଟରତ୍ନେ ମଣି । ୧୪
ନେତର ଚିରାଳ ଉପରେଣ ଉଡି
ଚକର ଶବଦ ଯେ ମେଘ ଘଡଘଡି । ୧୫

ଅଦଭୁତ ଶବଦ ଶୁଣିଣ କୋଳାହଳ
ଉପରକୁ ଦୃଷ୍ଟି ଯେ କରନ୍ତି କୁରୁବଳ । ୧୬
ମିଥୁନ ମାସେ ଯେହ୍ନେ ଦିଶନ୍ତି ମେଘମାଳ
ତେସନ ଦିଶଇ ରଥ ଯେ ଶାମଳ । ୧୭
ତଥିର ମଧ୍ୟେ ୟେ ବିଜୁଳୀ ତେଜ ଝଳି
ଅଷ୍ଟରତ୍ନେ ଲମ୍ବନ୍ତି ସେ ତେଜରୁ ଉଗୁଳି । ୧୮
ଦେଖିଣ କୁରୁବଳ ନ ପାରିଲେ ବାରି
କେ ବୋଲି ବାସେବ ୟେ ଅମର ଅଧିକାରୀ । ୧୯
କେ ବୋଲେ ଗନ୍ଧର୍ବ ୟେ ଅଙ୍ଗାର ପନ୍ନଗ
ରଥ ଆରୋହି ଯେ ଭ୍ରମଇ ମଧ୍ୟସ୍ୱର୍ଗ । ୨୦
ଶୁଣିଣ କର୍ଣ୍ଣ ସେ ଯେ ବୋଇଲାକ ଚାହିଂ
ଅଙ୍ଗାର ପନ୍ନଗହୁଂ ଆନ ସେ ନୋହଇ । ୨୧
ମାନଗୋବିନ୍ଦର ବିଭା ସମଯୋଗ ଶୁଣି

ଆକାଶରେ ଉଛବ ଯେ କରାୟେ ବଜ୍ରପାଣି । ୨୨
ଅର୍ଜୁନ ଲେଖାୟେଂ ସେ ଅଟଇ ଟି ତାତ
ଅବଶ୍ୟ ସୁର ରାଜା ଅବା ଆସଇ ଦେଖି ତ । ୨୩
ଅଶସ୍ତମା ବୋଇଲା ହୋ ଅଇରାବ୍ରତ ନାହିଂ
ସେ କେହ୍ନେ ମଘବା କର୍ଣ୍ଣ ହୋଇଲୁ ତୁ ବାଇ । ୨୪
ବଜ୍ର ତତ୍ତୁଲ୍ୟ ତ ଶୁଭଇ ଘଡଘଡି
କି ଅବା ସ୍ୱର୍ଗ ଯେ ମର୍ତ୍ତ୍ୟକୁ ପଡେ ଝଡି । ୨୫
ସ୍ତମ୍ଭୀଭୂତ ଥାଠ ଯେ ନ ପାରନ୍ତି ଯାଇ
ମାନଗୋବିନ୍ଦ ବୋଇଲା ଧୁଶାସନକଇ ଚାହିଂ । ୨୬
କେବଣ କଥାୟେ ବୁଝି ତଥ୍ୟ କର
ଶୁଣିଣ ଧୁଶାସନ ଉଠିଲା ଝୁଣି ଶିର । ୨୭
ରେ ରେ କାର କରି ଉଠିଲା କୋପଭରେ
ଯାଇଣ ମିଳିଲା ଅଶସ୍ତମାଙ୍କର ଛାମୁରେ । ୨୮
ବୋଇଲା ଧୁଶାସନ କୋପେଣ ଶିର ଝୁଣି
ଅବୟ କ୍ଷେତ୍ରୀ ତୁମ୍ଭେ ଆଗେ ଆଗିଆଣି । ୨୯

କିସ ଶବଦ ଅବା ଆକାଶେ ଶୁଭିଲା
ଭୟ କରି ତୁମ୍ଭ ରଥ ଥିର କଲା । ୩୦
କର୍ଣ୍ଣକୁ ଧୁଶାସନ କହନ୍ତେ ଉତ୍ତର
ଆକାଶୁଂ ଆସଇ ଯେ ଖସିଣ ରହୁବର । ୩୧
ମେରୁ ତୁଲ୍ୟ ଜାଣି ଆକାଶୁଂ ପଡଇ ଖସି
ଦେଖିମ କୁରୁବଳେ ରହିଲେକ ତ୍ରାସି । ୩୨
ୟେମନ୍ତ ସମୟେ ବିରୂପାକ୍ଷ ବୀର
ଲୋହା ଧନୁରେ ଯୋଚାଇଲା ବାମ କର । ୩୩
ଯୋଜନେ ଉର୍ଦ୍ଧ୍ୱେ ଥାଇ ସେ ଯେ ଅସୁର ମହାବୀରା
ବିନ୍ଧିଲା ଶର ସେ ଯେସନେ ଜଳଧାରା । ୩୪
ତୀଖମୁନା ଶର ବିନ୍ଧିଲା ଦ୍ରୋଣୁଂ କାଢି
ରଥୀ ହାଥୀ ପାଦାନ୍ତି ଯେ ପଡିଲେ ବିଛଡି । ୩୫
ଅଦଭୁତ ଦେଖି ବୀର ଅଶସ୍ତମା କର୍ଣ୍ଣ
ସେ ବୀରେ ଧନୁ ଯେକଲେ ଆମଞ୍ଜନ । ୩୬
ଅନ୍ତରୀକ୍ଷେ ବାଣ ଯେ ଗଗନୁଂ ପଡଇ ଖସି
କେଉଣିସି ପ୍ରକାରେ ନୋହନ୍ତି ଶର ନାଶି । ୩୭
ମୁଖ ଟେକି ଚାହାନ୍ତେ ଲଲାଟେ ପଡେ ଶର
କର୍ଣ୍ଣ ଦେଖନ୍ତେ ସନ୍ୟ ହୋଇଲେ ଅପହାର । ୩୮
ମର୍ତ୍ତ୍ୟକୁ ଆସୁ ଆସୁ ବିରୂପାକ୍ଷ ବୀର
କୋଟିୟେ ଯୋଦ୍ଧା ସେ ଯେ ପେଷିଲା ଯମପୁର । ୩୯
ଅନ୍ତରୀକ୍ଷୁଂ ଅଜଙ୍ଗ ବନକୁ ଆସୁ ଆସୁ
ଅସଂଖ୍ୟ ଯୋଦ୍ଧା ସେ କଲାକ ଧୂଳି ପାଂଶୁ । ୪୦
ସାରଥିକି ବୋଇଲା ରେ ଶୁମ ମୋ ଉତ୍ତର
ଶତ୍ରୁର ସମ୍ମୁଖକୁ ବାହା ମୋର ରହୁବର । ୪୧
ଶୁଣିଣ ବିଜୟା ଯେ ବାହିଲାକ ଯାନ
ଭେଟ ପଡିଲା ଯେ ସେ ଆଗ ଥାଠେ କର୍ଣ୍ଣ । ୪୨
କର୍ଣ୍ଣର ରହୁବର ଜାଣିଣ ମନ୍ଦର
ଇନ୍ଦ୍ରଧନୁ ଜାଣି ହସ୍ତରେ ଧନୁ ତାର । ୪୩
------

୩୩ ।୨  ଯୋଚାଇଲା–ଯୋଗ କଲା

ଅଭେଦ କପଚ ବଜ୍ର ଛଉରି ଅମୃତ କୁଣ୍ଡଳ
ଦେଖିଣ ବିଚାରଇ ସେ ଯେ ଲୋହିତାକ୍ଷର ବାଳ । ୪୪
ୟେତେ ଲକ୍ଷଣ ଯେ ୟେହାର ତହିଁ ଅଛି
କେବଣ ଦିଗପାଳ ୟେ ମର୍ତ୍ତ୍ୟରେ ବୁଲୁଛି । ୪୫
ୟେମନ୍ତ ବିଚାରି କର୍ଣ୍ଣର ମୁଖ ଚାହିଁ
ବୋଲଇ କେବଣ ଦେଶର ରାଜା ଅଟୁ ତୁହି । ୪୬
କାହାର ଭରସାରେ ବୀର ତୁର ବାଉ
ସମଦଣ୍ଡ ପଲାଣି ଦେଶ ଭ୍ରମି ଯାଉ । ୪୭
ଆଜ ଜାଣିମା ରେ ବଡିମା ତୋହୋର
କେ ଆଜ ରଖିବ ରେ ବହ୍ମା ହରିହର । ୪୮
ୟେମନ୍ତ କଥା ଯହୁଂ ଶୁଣିଲା ଧୁଶାସନ
ପିଟିଲା ଗଦା ସେ ଯେ କରିଣ ମହାତମ । ୪୯
ଲୋହାର ରଥେ ବାଜି ପଡିଣ ଚୂର ଗଲା
ଅନେକ ବେଳ ଖଡ୍‌ଗ ତୋଳି ପ୍ରହାରିଲା । ୫୦
ବାଜନ୍ତେ ରଥରେ ଯେ ତୀଖ ଅସିଧାର
ଭଗନସ୍ତ ହୋଇଣ ପଡିଲା ଶତେ ଚୂର । ୫୧
ଦେଖିଣ କୋପ କଲା ରାଧେବର ବଛି
ଆବର ଅଶସ୍ତମା ସଙ୍ଗେ ତାର ଅଛି । ୫୨
ଇନ୍ଦ୍ରଧନୁ ଜାଣି ବୀରେ ଧଇଲେ ବେନି ଚାବ
ଦତ୍ୟ ଉପରକୁ ଶର କରନ୍ତି ପରାଭବ । ୫୩
ନିମିଷେକ ଭିତରେ ବୀରେ ଲକ୍ଷେ ବାଣ ବିନ୍ଧି
ମଧ୍ୟେ ପୁରକଇଂ ସେ ଯେ ଶରେଣ ନିରୋଦି । ୫୪
ଦେଖିମ ଅସୁର ଯେ ହୋଇଲା କୋପାନଳ
ତ୍ରୋଣରୁ କାଢିଲା ସେ ଶର କାଳାନଳ । ୫୫
ଆକର୍ଣ୍ଣ ପରିଯନ୍ତେ ଓଟାରିଣ ବାଣ
ଶରନ୍ତି ନାଶିବାକୁ ବିନ୍ଧଇ ଗରୁଟାଣ । ୫୬
ତତ୍‌କ୍ଷଣେ ବାଣ ସେ ଯେ ଚଳିଲେ ଅନ୍ତରୀକ୍ଷେ
ସେ ଅଗ୍ନିରେ ଶର ଦହନ ହୋଇଲା ପ୍ରତକ୍ଷେ । ୫୭
-------
୫୩ ।୧  ଚାବ–ଚାପ

ଶରନ୍ତ ନାଶି ଧୁଶାସନ ଉପରେଣ ପଡି
ପଡିଲା ମହାବୀର ଯେ ଛାଡି ସିଂଘ ରଡି । ୫୮
ଦେଖିଣ କର୍ଣ୍ଣକୁ ଯେ ନ ଫୁରଇ କିଛି
ପର୍ବତ ଶରେକ ଯେ ବିନ୍ଧଲା ବୀର ବାଛି । ୫୯
ବିରୂପାକ୍ଷ ଅସୁର ୟେ ବଜ୍ରଶର ବିନ୍ଧି
ବଜ୍ରର ବିଘାତେ ଯେ ଗିରିରାଜ ଛେଦି । ୬୦
ପୁଣିହିଁ କର୍ଣ୍ଣ ଯେ ବିନ୍ଧିଲା ମେଘାଶର
ପବନା ଶରେ ତାହା ନିବାରେ ଅସୁର । ୬୧
ଅଶସ୍ତମା ଅଗ୍ନି ଶର ବିନ୍ଧିଲାକ ଦୃଢକରି
ଜଳଧାରା ଶରେ ତାହା ଅସୁର ନିବାରି । ୬୨
ପନ୍ନଗା ଶରେକ ଯେ ଗୁରୁ ସୁତ ଛାଡି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଧାମନ୍ତି ଫେରୁ ଧରି । ୬୩

ଦେଖିଲା ଯେ ତାହା ଲୋହିତାକ୍ଷ ସୁତ
ଗରୁଡା ଶରେ ତାହା ନିବାରେ ଦଇତ । ୬୪
ବିନ୍ଧି, ବିନ୍ଧି ବେନି ବୀରେ ହୋଇଲେ ବିମୁଖ
ବିଚାରନ୍ତି ଦାନବ ତ ଆମ୍ଭଙ୍କୁ ଦିଲା ଦୁଖ । ୬୫
ୟେମନ୍ତ ବିଚାରି ସେ ବିନ୍ଧନ୍ତେ ବେଗେ ଶର
ଅସୁର ଛେଦଇ ତାହା କିଞ୍ଚିତ ପ୍ରକାର । ୬୬
ମହା ଭୀଷ୍ମ ରୂପେ ଯେ କର୍ଣ୍ଣ ମହାବଳୀ
ତିନିକାଣ୍ଡ ଗୁଣେ ବସାଇଲେ ଆଦ୍ରାବଳୀ । ୬୭
ଅସୁର ଉପରକୁ ବିନ୍ଧିଲା ରୋଷଭରେ
ପଡିଲେ ଶର ସେ ଯେ ମହାଦତ୍ୟର ଉପରେ । ୬୮
ବଜ୍ରସେହ୍ନା ଫୁଟି ଅଙ୍ଗେ ଶର ଯାଇଂ
ଗର୍ଜିଲା ଦାନବ ବ୍ରହ୍ମାଣ୍ଡ କ-ାଇ । ୬୯
ବ୍ୟଥା ପାଇଲା ସେ ଯେ ଲୋହିତାକ୍ଷ ବାଳ
କୋପେଣ ଧଇଲା ସେ ଯେ ଵୈରୋବ ମୂଷଳ । ୭୦
ପ୍ରଥମ ମୂଷଳ ସେ ଯେ ପିଟିଲାକ ତୋଳି
କର୍ଣ୍ଣର ସାରଥି ରଥ ସହିତେ ହେଲେ ଧୂଳି । ୭୧

ଆଡ ହୋଇ କର୍ଣ୍ଣ ପଳାଇଣ ଯାଉଂ
ପଛରୁ ମୂଷଳ ପିଟିଲା ଅସୁର କୁଳ ରାହୁ । ୭୨
ସେ ମୂଷଳ ବାଜି କର୍ଣ୍ଣ ରୁଧିର ଉଦ୍‌ଗାରି
ଭୂମିରେ ପଡିଲା ସେ ରୁଧିରେ ପ୍ରାଣ ହାରି । ୭୩
ଦେଖିଣ ଅଶସ୍ତମା ଟେକିଲେ ରହୁବର
ଅସୁର ଉପରକୁ ଯେ ବିନ୍ଧିଲେ ଦେବ ଶର । ୭୪
ବଜ୍ର ସେହ୍ନାରେ ନ ଭେଦି ଶର ପଡିଲା ଲେଉଟି
ସେ ଭୈରୋବୀ ମୂଷଳ ଅଶସ୍ତମାକୁ ନେଇ ପିଟି । ୭୫
ଅକ୍ଷୟେ ତ୍ରିଜୀବୀ ସେ ଅନାଦିର ବରେ
କିଛିହିଂ ନୋହିଲା ସେ ମୂଷଳ ପ୍ରହାରେ । ୭୬
ହୁଂକାରେ ତିନି ବେଳ ରିଂଝାଇ ପିଟିଲା
ଅଶ୍ୱ ସାରଥି ସହିତେ ରଥ ଧୂଳି କଲା । ୭୭
ତଦ୍ୟାପି ଅଶସ୍ତମାର ନୋହିଲାକ କିଛି
ବିଚାରିଲା ୟେହାରେ ଅନେକ କାର୍ଯ୍ୟ ଅଛି । ୭୮
ୟେମନ୍ତ ବିଚାରି ଦ୍ରୋଣିର ଚରଣ ଧଇଲା
ଆପଣା ଲୋହମୟ ରଥେ ନେଇ କଚାଡିଲା । ୭୯
ଯହୁଂ ସେ ଲୋହମୟ ରଥେ ପିଟିଲା ନିଠାଇ
ମୋହ ହୋଇଲେ ସେ କୃପୀଙ୍କ ତନୟି । ୮୦
ବିଜୟା ସାରଥିକି ବୋଇଲା କାମଚର
ରଥ ଦଣ୍ଡ ଉପରେ ଯେ ୟେହାକୁ ବନ୍ଧନ କର । ୮୧
ଶୁଣିଣ ସାରଥି ଯେ ଦଣ୍ଡା ପରେ ଥୋଇ
କର ଚରଣ ସେ ଯେ ବାନ୍ଧିଲା ନିଠାଇ । ୮୨
ୟେ ତିନି ବୀରେ ଯହୁଂ ହରାଇଲେ ପ୍ରାଣ
ଶୂଳ ଘେନି ପଶିଲା ଯାଇଂ ରାଜାର ଥାଠେଣ । ୮୩
କଦଳୀ ବୃକ୍ଷ ଯେହ୍ନେ ବାତ ଘାୟେ ଭାଜି
ଶୂଳ ଘାତେ ସନ୍ୟ ଯେ ପଡିଲେ ନିମଛି । ୮୪
ମଧ୍ୟ ଗହଣରେ ଆସଇ ଦ୍ରିଯୋଧନ
ସତାଶୋଇ ଭାଇ ସେ ଘେନିଣ ସଙ୍ଗତେଣ । ୮୫

--------

୭୬ ।୧  ହୁଂକାରେ ତିନି ବେଳ ରଖାଇଂ ପିଟିଲା ।

ଡଗର ଜଣାଇଲା ଶୁଣିମା କୁରୁପତି
ଧୁଶାସନ ଅଶସ୍ତମା କର୍ଣ୍ଣ ହାରିଲେ ଜୀବତି । ୮୬
ଅକସ୍ମାତେ କାହୁଂ ଅଇଲା ଅସୁର
ଅନେକ ସନ୍ୟ ସେ ଯେ ପେଷିଲା ଯମପୁର । ୮୭
ଅଶସ୍ତମା କର୍ଣ୍ଣ ବହୁତ ଯୁଦ୍ଧ କଲେ
କର୍ମ ଅବଳେ ସେ ଯେ ଜିଣି ନ ପାରିଲେ । ୮୮
ଧୁଶାସନ କର୍ଣ୍ଣ ଭୂମିରେ ଛନ୍ତି ପଡି
ଅଶସ୍ତମାକୁ ରଥେ ବାନ୍ଧିଅଛି ଭିଡି । ୮୯
ଶୁଣିଣ ଦ୍ରିଯୋଧନ ପଡିଲାକ କ୍ଷିତି
ଶ୍ରୀକରେ ତୋଳିଣ ଯେ ଧଇଲା ଭାନୁମତୀ । ୯୦
ମୁଖେ ପାଣି ସିଞ୍ଚିଣ ସେ ସଚେତ କରାଇ
ସଧୀରେ ବଚନ ସେ ଯେ ସ୍ୱାମୀକି ଭାଷଇ । ୯୧
ଅକସ୍ମାତେ ଶତ୍ରୁ ଯେବେ ହୋଇଲା ବର୍ଦ୍ଧମାନ
ଲକ୍ଷେ ରାଜାଙ୍କୁ ସ୍ୱାମୀ ଜିଣିଲା ଯେବଣ କର୍ଣ୍ଣ । ୯୨ ସଂ
ଆବର ଅଶସ୍ତମା ଧୁଶାସନ ମାରି
ସୈନ୍ୟନ୍ତ ନାଶ ଦେଖି ଯେ ମହାକ୍ରୋଧ କରି । ୯୩
ଜାଣିଲି ତା ଛାମୁରେ ବ୍ରହ୍ମାଦି ନୋହେ ରହ
ଭାଇନ୍ତ ଘେନି ସ୍ୱାମୀ ପଛଘୁଞ୍ଚା ଦିଅ । ୯୪
ଦଇନି କରି ସ୍ୱାମୀ ଏ ତୋର ଚରଣେ
ଶରୀର ନ ହାର ସ୍ୱାମୀ ତାଙ୍କ ସଙ୍ଗ ରଣେ । ୯୫
ଶୁଣିଣ କୁରୁବଇ ବୋଲି ବଚନ
ପଛକୁ ପଳାଇବି କି ହୋଇଣ କ୍ଷତ୍ରୀମାନ । ୯୬
ପ୍ରାଣର ସଖା ମୋର ପଡିଲା ଯେବେ କର୍ଣ୍ଣ
ଆବର ଧୁଶାସନ ଗୁରୁଙ୍କ ନନ୍ଦନ । ୯୭
ସନ୍ୟ ସାଖା ବଳ ଯେ ପଡିଲେ ବହୁତ
ଆବର ସଂଘାତ କିସ ମୋହୋର ଜୀବିତ । ୯୮
ଯେସନେକ ସମୟେ ଧାମଇ ଅସୁର
ରଥ ଚଢି ଟି କରଇ ସର୍ବ ଚୂର । ୯୯

ଦେବଙ୍କୁ ଦୁଲଭ ସେ ଅସୁରର ଯୁଦ୍ଧ
ମୃଗ ପଳାଇ କି ଦେଖିଣ ବନେ ବ୍ୟାଧ । ୧୦୦
ଶୂଳ ଘେନି ପିଟଇ ରାଜା ଗଳଗାଜି
ରଥୀ ପାଦାନ୍ତି ପଡିଲେ ନିମଜ୍ଜି । ୧୦୧
ଭାନୁମତୀକି ଛାଡି ରାଜା ଦ୍ରିଯୋଧନ
ସତାଣୋଇ ଭାଇ ଘେନି ଧାମଇ କୋପମନ । ୧୦୨
ଉଭାରି ଗଦା ସେ ଯେ ପିଟିଲା ଯେତେବେଳେ
କିଛୁ ହିଂ ନୋହିଲା ସେହୁ କଳେବରେ । ୧୦୩
ଗଦାବର ବିଅର୍ଥେ ଗାନ୍ଧାରୀର ପୋୟେ
ସିଂଘର ଆଗେ ଯେହ୍ନେ ମତ୍ତ ହସ୍ତୀ ରହେ । ୧୦୪
ଭୈରୋବୀ ଶୂଳ ଦତ୍ୟ ପିଟିଲା ରିଂଝାଇ
ମୋହେଣ ପଡିଲେ ସତାଣୋଇ ଭାଇ । ୧୦୫
ସନ୍ୟନ୍ତ ମାରି ସେ ଯେ କଲାକ କୁଢ କୁଢ

ଯୋଜନ ପରିଯନ୍ତେ ପଡିଲା ପୟେତ । ୧୦୬
ଭାନୁମତ ରାଜା ଯେତେକ ସନ୍ୟ ଦେଇଥିଲା
ବିରୁପାକ୍ଷ ବୀର ସବୁନ୍ତି ମାଇଲା । ୧୦୭
ଦ୍ରିଯୋଧନର ସନ୍ୟ ନିଶୋଧନ କରି
ଗୋଟିୟେ ହୋଇଂ ମାତ୍ର ନ ଅଇଲେ ଉବୁରି । ୧୦୮
ୟେହାନ୍ତି ମାରି ସେ ରଥକୁ ଦିଲା ଚାହିଂ
ଅପୂର୍ବ ସୁନ୍ଦରୀ ସେ ଦିଖିଲାକ ତହିଂ । ୧୦୯
ରୂପେ ପଟାନ୍ତର କି ସେ ସହସ୍ରେ ପାର୍ବତୀ
ତେସନେକ ସରୂପ ଦିଶଇ ଭାନୁମତୀ । ୧୧୦
ବିଚାରଇ ଧନ୍ୟ ମୋହୋର ଜୀବନ
ନିଷ୍ଚୟେଂ ଲଭିଲି ମୁଂ ସ୍ତିରିଙ୍କ ରତନ । ୧୧୧
ୟେତେକ ବିଚାରି ସେ ଯେ ନିରେଖିଣ ଚାହିଂ
ଭାନୁମତୀ ରୂପକୁ ସେ ମନେ ବାଉନଇ । ୧୧୨
------
୧୦୦ ।୧ଯୁଦ୍ଧ ସ୍ଥାନରେ ଯୁଧ୍ୟ ସବୁ ପୋଥିମାନଙ୍କରେ ।
୧୦୭ ।୧ଭାମୁମତ-ଭୂମନୁ

ଧନ୍ୟ ଧନ୍ୟ ସୁନ୍ଦରୀ ଧନ୍ୟ ତୋର ଅଙ୍ଗ
ସଂସାର ଛାଡିବ ତୋତେ ଦେଖିଣ ଅନଙ୍ଗ । ୧୧୩
ଧନ୍ୟ ସେ ପ୍ରଜାପତି ସଂସାର ଚିନ୍ତା ଛାଡି
କଳ୍ପେ ପରିଯନ୍ତେ କି ତୋହୋର ରୂପ ଗଢି । ୧୧୪
ଚନ୍ଦ୍ରମା ବଦନ ମୁଂ ଯାଇଂ ନିଉଛାଳି
କେବଣ ରାଜାର ତୁ ଅଟୁ ଗୋ ଦୁଲାଳୀ । ୧୧୫
ଧନ୍ୟ ଧନ୍ୟ ସୁନ୍ଦରୀ ଧନ୍ୟ ତୋହୋର ବର୍ଣ୍ଣ
ପାଦର ଅଙ୍ଗୁଳି ଜାଇ କଢିର ସମାନ । ୧୧୬
ଭଲା ଶୋଭିତ ଯେ ଅଟଇ ପାଦ ଲଖ
କନ୍ଦର୍ପ ପୁରୁଷର କି ଅଟି କାମରେଖ । ୧୧୭
ଅଳତା ବେଢିଣ ଚରଣ ନୁ ଶୋହି
ଦେଖିଣ କାମ ଯେ ନ ଯିବ ଆର କାହିଂ । ୧୧୮
ଉଲଟ ରମ୍ଭା ପ୍ରାୟେ ଦିଶଇ ବେନି ଜାନୁ
ମଝା ସିଂହ ଜାଣି ସେତାହାର କୁଶାନୁ । ୧୧୯
ସମାନ ଶ୍ରୀଫଳ ଜାଣିଣ ସ୍ତନ ବେନି
ପୀୟୁଷ ପୂରୋଇ ରଖିଅଛୁ ଘେନି । ୧୨୦
କରୀ କର ପ୍ରାୟେ ଦିଶଇ କର ବେନି
କନ୍ଦର୍ପକୁ ବିନ୍ଧଇ କୁସୁମ ବାଣ ଘେନି । ୧୨୧
କମ୍ବୁ କଣ୍ଠ ପ୍ରାୟେ ଦିଶଇ କଣ୍ଠ ତୋର
ସୁରଙ୍ଗ ଅଧର ବିମ୍ବ ଫଳର ଆକାର । ୧୨୨
ଭ୍ରୂଲତା ଇନ୍ଦ୍ରଧନୁ ଚନ୍ଦ୍ରମା ବଦନ
କୁଞ୍ଚିତ ହୋଇବାରେ ରୋମ ମୂଳମାନ । ୧୨୩
ସ୍ୱାମୀର କ୍ରୋଧେ ଶ୍ରମ ଝାଳ ରୋମ ମୂଳୁଂ ଗଳି
ଚନ୍ଦର୍ବଦନ କିବା ଏକତ୍ରେ ଓହୋଳି । ୧୨୪
ଅଷ୍ଟରତ୍ନେ ଜଡିତ ଯେବଣ ଅଳଂକାର
ସର୍ବାଙ୍ଗେ ସୁନ୍ଦର ଭାନୁମତୀର ଶରୀର । ୧୨୫
-------
୧୧୯ ।୨କୁଶାନୁ-କୁଶତନୁ (ତ-ଅ-ଅପଭ୍ରଂଶ) କୁଶତ (କୁଶବତ୍ ତନୁ) କୁଶ ଅନୁ-କୁଶାନୁ, କ୍ଷୀଣ, ସୂକ୍ଷ୍ମ କଟି ।

ବେଳ ଅସ୍ତ ହେବାକୁ ତିନି ଦଣ୍ଡ ଥାଇ
ସମସ୍ତଙ୍କୁ ମାରି ଭାନୁମତୀ ପାଶକୁ ଯାଇ । ୧୨୬
ରୂପକୁ ନିରୋପନ୍ତେ ରାତ୍ର ଦିବା ଗଲା
ତଥାପି ଭାନୁମତୀ ବର୍ଣ୍ଣେ ବର୍ଣ୍ଣି ନ ପାରିଲା । ୧୨୭
ସେ ତ ନ ବଚାଇ ଦଇବ ସଂଯୋଗ
ଏବମ୍ଭୁତ କନ୍ୟା ମୁଂ ଯେ କରିବଇଁ ଭୋଗ । ୧୨୮
ଯେତେକ ବିଚାରିଣ ମେରୁର ଯେ ନାତି
ରୂପକୁ ବାଉନନ୍ତେ ଗଲା ଦିବାରାତି । ୧୨୯
ଯେସନେକ ସମୟେ ବ୍ରହ୍ମାଙ୍କ କୁମର
ପ୍ରୟାଗକୁ ଯାଇଥିଲେ ନାରଦ ମୁନିବର । ୧୩୦
ତୀର୍ଥ କାର୍ଯ୍ୟ ସାରି ମନ ଦଣ୍ଡ ଚଢି
ହସ୍ତିନା ଭୁବନକୁ ଆସନ୍ତେ ଆଗ ବଢି । ୧୩୧
ମେରୁ ତତ୍ତୁଲ୍ୟ ଯେ ଦିଶିଲା ରଥମାନ
ଦେଖିଣ ବିଚାରନ୍ତି ବ୍ରହ୍ମାଙ୍କ ନନ୍ଦନ । ୧୩୨
କେବଣ କଥାୟେ ନ ଗଲା ବାରଣ
ଧ୍ୟାନେମ ଜାଣିଲେ ସେ ନାରଦ ମହାମୁନ୍ୟ । ୧୩୩
ହସ୍ତିନାର ରାଜା ୟେ ମାନଚକ୍ରବ୍ରତୀ
ଭାନୁମତ ରାଜ୍ୟରୁ ପ୍ରଦାନ ହୋଇଲା ଭାନୁମତୀ । ୧୩୪
ସମଦଣ୍ଡ ଘେନି ହସ୍ତନା ଆସନ୍ତେ
ବାଟରେ ବିନାଶ କଲେ ଲୋହତାକ୍ଷର ସୁତେ । ୧୩୫
ଯୁଝେଷ୍ଠିଙ୍କ ଅଗ୍ରତେ କହିବା ଆମ୍ଭେ ଯାଇଂ
ୟେତେ ବୋଲି ଶୀଘ୍ରେ ଚଳିଲେ ତପସାଇଂ । ୧୩୬
ବାରୁଣାବନ୍ତରେ ଯେ ଅଛନ୍ତି ଯୁଝେଷ୍ଠି
ପ୍ରବେଶ ହୋଇଲେ ଯାଇଣ ତପୋନିଷ୍ଠି । ୧୩୭
ଭୀମ ଅର୍ଜୁନ ନକୁଳ ସହଦେବ
ୟେକତ୍ରେ ବସିଣ ଯେ ଅଛନ୍ତି ପାଣ୍ଡେବ । ୧୩୮
ନାରଦଙ୍କୁ ଦୂରହୁଂ ଦେଖିଣ ଯୁଝେଷ୍ଠି
ଆସନେ ବସାଇ ସେ ପୂଜନ୍ତି ତପୋନିଷ୍ଠି । ୧୩୯

--------

୧୨୮ ।୧ନ ବଚାଇ- ନ କହି

ପ୍ରଣପତ୍ୟ ହୋଇଣ ଯେ ଶୁତିଲେ ପାୟେଣ
ସନ୍ତୋଷେ ମୁନିବର କରନ୍ତି କଲ୍ୟାଣ । ୧୪୦
ଧନ ଶ୍ରୀ ଆୟୁଷ ବର୍ଦ୍ଧୁତ ହୋଉ ତୁକୁ
ଆମ୍ଭେ ଯାଇଥିଲୁ ପ୍ରୟାଗ ତୀର୍ଥକୁ । ୧୪୧
ଅଜଙ୍ଗପାଦ ବନେ ଆସନ୍ତେଣ ବାଟେ
ମୃତୁ ଶବ ଦେଖିଲୁଂ ଯେ ସମସ୍ତ କୁରୁଥାଠେ । ୧୪୨
ୟେଥକଇଂ ଯୁଝେଷ୍ଠି ବିରାରି କାର୍ଯ୍ୟ କର
ୟେତେ କହି ଅନ୍ତର ହେଲେ ମୁନିବର । ୧୪୩
ଶୁଣିଣ ଯୁଝେଷ୍ଠି ଯେ ପଡିଲେକ ଢଳି
କୋଳ କରିମ ଧଇଲେ ଭୀମ ମହାବଳୀ । ୧୪୪
ମୁଖରେ ପାଣି ସେ ଯେ ସିଞ୍ଚିଲେ ସହଦେବ
ଧୀର ଧୀର କରି ସେ ଯେ ବିଞ୍ଚଇ ପାର୍ଥିବ । ୧୪୫
ଘଡିକର ମଧ୍ୟେ ଦେବ ଚେତନା ୟେ ପାଇଂ

ଶୋକେଣ ଦରାଣ୍ଡନ୍ତି ଅବନୀକି ଚାହିଁ । ୧୪୬
ହା ହା ମାନଗୋବିନ୍ଦ ବୋଲିଣ ଶୋକ କଲେ
ଆଜ ହୁଂ ଅନ୍ଧ ରାଜା ମୋର ଅନାସ୍ତ ହୋଇଲେ । ୧୪୭
ତୋ କରେ ପଦ୍ମନିଧି ଥିଲା ମୋର ବାବୁ
ବିଧାତା ଅବଶେ ସେ ହରାଇଲୁ ସବୁ । ୧୪୮
ମୂର୍ଖ ପଣେ ବାବୁ ରେ କାହିଁ କଳି କଲୁ
ସମଦଣ୍ଡ ଘେନିଣ ଯେ ଆପଣେ ପ୍ରାଣେ ମଲୁ । ୧୪୯
ଯୁଝେଷ୍ଠିଙ୍କ ବଚନେ ଭୀମ ପରିଣାମି
ଅକାରଣେ କି- । କ୍ରୋଧ କର ହେ ଦେବ ସ୍ୱାମୀ । ୧୫୦
ସେ ମୂର୍ଖ ପାପିଷ୍ଠ ଅଟନ୍ତି ପ୍ରମାଦ
ଆମ୍ଭର ହିତେ ତାଙ୍କୁ ଆନେ କଲା ବଧ । ୧୫୧
ତହିଁକି ଭୋ ଦେବ କ୍ରୋଧ ଯେ ନ କର
ଚାଲ ଯେବେ ହସ୍ତିନାକୁ ଯିବା ହେ ସତ୍ୱର । ୧୫୨
ଯୁଝେଷ୍ଠି ବୋଲନ୍ତି ରେ ହସ୍ତିନାକୁ ଯାଇ
ଧୃତିରାଷ୍ଟ କ୍ରୋଧେ କି ଜୀବନ ମୋର ରହି । ୧୫୩
-------
୧୪୫ ।୨ପାର୍ଥିବ - ପାର୍ଥ, ଅର୍ଜୁନ

ନକୁଳ ବୋଇଲେ ସ୍ୱାମୀ ଗଲା ମଲା ଯିବା
ତାହାନ୍ତ ଲୋଡିଲେ ଆଉ କି ପାଇବା । ୧୫୪
ଯୁଝେଷ୍ଠି ବୋଲନ୍ତି ରେ ନୋହଇ ଯେମନ୍ତ
ଯଦ୍ୟପି ନ ଜୀଇଂବେ ଗାନ୍ଧାରୀର ଶତେ ପୁତ୍ର । ୧୫୫
ମୁକୁ ହିଂ ଜଣେ ରେ ହୋଇଲି ତାଙ୍କ ତୁଲେ
ଯଦ୍ୟପି ମୋହୋର ଶତେ ଭ୍ରାଥ ମଲେ । ୧୫୬
ସେମାନେ କେଉଂଠାରେ ଅଛନ୍ତି ରେ ପଡି
ତାହାନ୍ତ ଦେଖିଲେ ମୁଂ ଯେ ଅବଶ୍ୟ ଆତ୍ମା ଛାଡି । ୧୫୭
ସହଦେବକୁ ଚାହିଂ ପୁଛନ୍ତି ବାରତ
ତୁ ସେ ଜାଣୁ ଭୂତ ଭବିଷ୍ୟ ଆଗତ ନିୟତ । ୧୫୮
କହ ତଥ୍ୟ କରି ପ୍ରତେ ଯେଣେ ଯାଇଂ
ଅକାରଣେ କି- । ମଲା କୁରୁସାଇଂ । ୧୫୯
କାହାର ସଙ୍ଗେ ସେ ଯେ ବୀବାଦୀ ହୋଇଲା
କେ ଯେତେ ବଳିଷ୍ଠରେ ତାହାନ୍ତ ମଧ୍ୟ କଲା । ୧୬୦
ଯୁଝେଷ୍ଠିଙ୍କ ବଚନେ ମନ୍ତ୍ରୀ ଚୂଡାମଣି
କରପତ୍ର ଯୋଡିଣ ବୋଲଇ ମୃଦୁ ବାଣୀ । ୧୬୧
ଭୋ ସ୍ୱାମୀ କହଇ ହୋଇବା ସାବଧାନ
ଯେଉଂ ହେତୁ ମଲେ ସେ ଗାନ୍ଧାରୀ ନନ୍ଦନ । ୧୬୨
ରଇବ୍ରତ ପର୍ବତକୁ ଗଲେ କୁରୁବୀରେ
କର୍ଣ୍ଣ ଅଶସ୍ତମା ଘେନିଣ ସଙ୍ଗତରେ । ୧୬୩
ଗଦା ଶିଖାବନ୍ତି ଦେବ ବଳେବର
ଅଛନ୍ତି କୁରୁବୀରେ ରଇବ୍ରତ ପର୍ବତର । ୧୬୪
ଭାନୁମତ ରାଜ୍ୟରେ ଭୂମନୁ ନୃପତି
ତାହାର ଦୁହିତା ନାମ ଅଟଇ ଭାନୁମତୀ । ୧୬୫
ସର୍ବ ସୁଲକ୍ଷଣୀ ସେ ଅଟି ନବଯୁବା
ତା ରୂପ ସମାନକୁ କମଳା ନୋହିବା । ୧୬୬
ସେ ଭାନୁମତ ରାଜା ବିଚାରଇ ମନେ

କାହାକଇଂ କନ୍ୟା ଯେ କରିବା ପ୍ରଦାନେ । ୧୬୭
----------
୧୬୫ ।୧ଭାନୁମତ, ଭାନୁମନ୍ତ ପାଠ ଅଛି ।

ୟେମନ୍ତ ଭାଳନ୍ତେ ଯେ କିଛୁ ଦିନ ଗଲା
ଲକ୍ଷେକ ରାଜାହ୍‌କୁ ସେ ଯେ ସୟଂବରେ ବରିଲା । ୧୬୮
ଦୁହିତା ବୋଇଲା ଶୁମ ତାତ ପୁଣ
ରୁଣ୍ଡ ହୋଇଲେ ସେ ଯେ ସକଳ ରାଜାଗଣ । ୧୬୯
ଶଙ୍ଖ ପଦ୍ମ ନିଧି ଅଛି କାହା କରେ
ପରୀକ୍ଷା କର ଶିଳା ତାହାଙ୍କ ହସ୍ତରେ । ୧୭୦
କର ଲାଗି ପାଷାଣ ହୋଇବ ପାଣିଦ୍ରବ୍ୟ
ନିଷ୍ଚୟ ଜାଣ ତାତା ସେ ମୋହୋର ବଲ୍ଲଭ । ୧୭୧
ଶୁଣିଣ ଭୂମନୁ ପରୀକ୍ଷ ଯେ କଲା
ସଂକେତ ନୋହିଲାକୁ ରାଜାଙ୍କୁ କହିଲା । ୧୭୨
ଭୋ ନୃପରାୟେ ମୋତେ ଦୟା କରିଥିବା
ନୋହିଲା ସଙ୍କେତ ଯେ ଯାହାର ରାଜ୍ୟେ ଯିବା । ୧୭୩
ସୁଗ୍ୟାନୀ ରାଜାମାନେ ବାହୁଡିଲେ ଶୁଣି
ଦୁଷ୍ଟ ରାଜାମାନେ ଯୁଦ୍ଧ ଆରମ୍ଭିଲେ ଆଣି । ୧୭୪
ବୋଲନ୍ତି ଦୁଷ୍ଟ ରାଜାୟେ ୟେମନ୍ତ ବାଞ୍ଛା ତୁକୁ
କି-।ଇ ବର ବେଶ କଲୁ ତୁ ଆମ୍ଭଙ୍କୁ । ୧୭୫
ଉଚ୍ଚବାଚ ଗୋଳ ଶୁଭଇ ବହୁତ ଦୂର
ରିବ୍ରତ ପର୍ବତରୁ ଆସଇ କୁରୁବୀର । ୧୭୬
ଦ୍ରିଯୋଧନ ତଗରା କହଇ ବାରତ
ଭାନୁମତ ରାଜ୍ୟରେ ଦେବ ଭୂମନୁ ନରନାଥ । ୧୭୭
ତାର ଦୁହିତାର ନାମ ଅଟଇ ଭାନୁମତୀ
ସୟଂବରେ ବରିଲା ଲକ୍ଷେକ ନୃପତି । ୧୭୮ ସଂ
ତଗର ମୁଖରୁ ସେ ଶୁଣିଣ ବାରତ
ଭାନୁମତ ରାଜ୍ୟକୁ ଚଳିଲେ କୁରୁନାଥ । ୧୭୯
ଦେଖିଲା ରାଜା ସଙ୍ଗେ ଯୁଝନ୍ତି ରାଜା ମନ୍ଦ
ଭୂମନୁକୁ ଆବୋରିଲା ରାଜା ମାନ ଯେ ଗୋବିନ୍ଦ । ୧୮୦
ଲକ୍ଷେ ରାଜାକୁ ତହିଂ ଜିଣିଲା ବୀର କର୍ଣ୍ଣ
ଭାନୁମତୀକି ପ୍ରଦାନ ହୋଇଲା ଦ୍ରିଯୋଧନ । ୧୮୧ ସଂ

ଅନେକ ଯଉତୁକ ଯେ ଦିଲାକ ନରସାଇଂ
ଭାନୁମତୀର ଘେନି ରାଜା ହସ୍ତିନାକୁ ଆସଇ । ୧୮୨
ଅନେକ ସମ୍ଭାରେ ରାଜା ଥାଠ ଯେ ପଲାଣି
ଶତେ ଭ୍ରାଥ କର୍ଣ୍ଣ ବୀରବର ଦ୍ରୋଣି । ୧୮୩
ଅଜଙ୍ଗପାଦ ବନେ ହୋଇଲେ ପ୍ରବେଶ
ବାଜି ଦମା ବୀର ତୂର ବିଜିଘୋଷ । ୧୮୪
ୟେମନ୍ତର ସମୟେ ବିରୂପାକ୍ଷ ବୀର
ଶୂନ୍ୟେଣ ଭ୍ରମଇ ସେ ଚଢିଣ ରହୁବର । ୧୮୫
ବୀରବର ବାଦ୍ୟ ଶୁଣିଲା ଯହୁଂ କର୍ଣ୍ଣେ
ତତକ୍ଷଯେ ଟେକିଲା ଲୋହିତ ନିର୍ମିତ ଯାନେ । ୧୮୬
ଗଗନୁ ଆସୁଂ ଆସୁଂ ବିନ୍ଧିଲାକ ଶର
ରଥୀ ହାଥୀ ଛିଡି ପଡିଲେ ପୟେଦାର । ୧୮୭

ଅନେକ ଯୁଦ୍ଧ କଲେ ଅର୍ଣ୍ଡ ଅଶସ୍ତମା
କର୍ମର ଅବଳେ ସେ ଯେ ହାରିଲେ ମହାତମା । ୧୮୮
ୟେମନ୍ତ ସମୟେ ଧୁଶାସନ ବୀର
ଗଦା ପ୍ରହାରିଲା ଅସୁର ଉପର । ୧୮୯
ସେ ଗଦା ସହି ଯେ ଅସୁର କୁଳସାଇଂ
ଭଇରୋବୀ ମୁଷଳ ଯେ ପିଟିଲା ରିଂଝାଇ । ୧୯୦
ଶଳର ଘାତେ ଧୁଶାସନ ହାରିଲାକ ପ୍ରାଣ
ସେ ଶୁଳ ନେଇ ପିଟିଲା କର୍ଣ୍ଣ ଉପରେଣ । ୧୯୧
ତତକ୍ଷଣେ ରାଧେବ ପଡିଲା ଉତ୍ତାନଶାହୀ ହୋଇ
ଅଶସ୍ତମାର ଥାଠେ ଟେକିଲା ରଥ ବେଗେ ନେଇ । ୧୯୨
ଅନେକ ସମର ସେ ଦତ୍ୟର ସଙ୍ଗେ କଲେ
ଅନାଦିର ବରେ ସେ ଶୁଳ ବଞ୍ଚାଇଲେ । ୧୯୩
ଦେଖିଣ ଅସୁର ଯେ ମହାକ୍ରୋଧ କଲା
ଚରଣ ଧରିଣ ରଥେ ନେଇ କଚାଡିଲା । ୧୯୪
ମୋହ ହେଲା ଯହୁଂ ଗୁରୁଙ୍କ ତନୟି
ଆପଣାର ରଥେ ନେଇ ଭିଡି ବାନ୍ଧିଛଇଂ । ୧୯୫
-------
୧୮୭ ।୨ପୟେଦାର - ପାଇକ, ପଦାତିକ ।

ୟେହାନ୍ତ ମାରି ସେ ଯେ ସନ୍ୟଙ୍କୁ ମାଇଲା
ଶୁଳ ପ୍ରହାରି ଯେ ବଳ ବିଧଂସିଲା । ୧୯୬
ଦ୍ରିଯୋଧନ ଆଦି ସତାଣୋଇ ଭାଇ
ତାହାନ୍ତ ମାଇଲା ଶୁଳେ ଲୋହିତାକ୍ଷ ନେଇ । ୧୯୭
ନିଶୋଧନ କରିଣ ସେ କୁରୁବଳ ଥାଠ
ରଥର ଉପରକୁ ଚାହିଂଲା ଦ୍ରପିଷ୍ଠ । ୧୯୮
ସ୍ତୁତି କରନ୍ତେ ଯେ ଦିବାରାତି ଯାଇଂ
ଭାନୁମତୀର ରୂପକୁ ସେ ବର୍ଣ୍ଣି ନ ପାରଇ । ୧୯୯
ଯୁବତୀ ମୋହେ ଉଭା ହୋଇଅଛି ଅସୁର
ଭାନୁମତୀକି ଘେନି ଯିବ ନିଜ ପୁର । ୨୦୦
ଶୁଣିଣ ଯୁଝେଷ୍ଠି ୟେହା ହୋଇଲେ ବଇକୁଳ
ଶୁଣିଣ କ୍ରୋଧଭର ଭାରୋଇ ଯେ ମଲ୍ଲ । ୨୦୧
ଯୁଝେଷ୍ଠି ବୋଇଲେ ରେ ଶୁମ ଧନଞ୍ଜୟେ
ସେମବଂଶକୁ ଯେ ୟେ କଳଙ୍କ ବଡ ହୋୟେ । ୨୦୨
ଯଦ୍ୟପି କଉରୋବେ ହୋଇଲେ ଅମାନୀ
ସେ ଦୁଷ୍ଟମାନଙ୍କର ମୁଂ ଦୋଷ ଯେ ନ ଘେନି । ୨୦୩
ଆମୃନ୍ତ ଜିଂଘାସ ଯେବେ କଲେ କଉରୋବେ
ଧର୍ମ ଦେବତା ତାଙ୍କୁ ଦିଅଇଂ ପରାଭବେ । ୨୦୪
ଧର୍ମ ଥିଲା ଲୋକେ ତରନ୍ତି ଦୁସ୍ତରେଣ
ଧର୍ମ ହୀନେ କଉରୋବେ ହରାଇଛନ୍ତି ପ୍ରାଣ । ୨୦୫
କେମନ୍ତେ କାହିଂରେ ପଡିଅଛି ସେହି
ଯୁଝେଷ୍ଠି ବଚନେ ବାହାର ଚାରି ଭାଇ । ୨୦୬
ସହଦେବକଇଂ ବଦନ୍ତି ଧର୍ମଚାଟ
ଆଗରେ ମନ୍ତ୍ରୀବର କଢାଅ ତୁ ବାଟ । ୨୦୭
ଶୁଣିଣ ସହଦେବ ଆଗରେଣ ହୋଇ
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ପଛେ ଛନ୍ତି ଧାଇଂ । ୨୦୮

ପବନ ହୁଂ ବେଗେ ସେ ଯେ ଖେପନ୍ତି ପାଣ୍ଡେବ
ପୁଣି ହିଂ ଯୁଝେନ୍ତି ବୋଲନ୍ତି ଚାହିଂଣ ସହଦେବ । ୨୦୯

କେବଣ ବଂଶରେ ୟେ ଅସୁର ଅବତାର
କାହାକଇଂ ସେବିଣ ୟେ ପାଇଅଛି ବର । ୨୧୦
କୁରୁବଳ ମାରିବାକୁ ୟେ ସାମର୍ଥ ହୋଇ
କେବଣ ଦେଶରେ ସେ ଯେ ଅସୁର ରହଇ । ୨୧୧
ତାହା ସଞ୍ଚପି ମୋତେ କହ ମନ୍ତ୍ରୀବର
ଶୁଣିଣ ବୋଇଲେ ସେ ମାଦ୍ରୀର କୁମର । ୨୧୨
ଶୁଣିମା ସାବଧାନେ ଅସୁର ଆଦ୍ୟ ଜନ୍ମ
ୟେଥୁ ସେ ଅସୁର ହୋଇଲେ ସାର୍ଥମ । ୨୧୩
ଶିବାନ୍ତକ କାଳ ୟେକ ସତ୍ୟ ଯୁଗ ଲୟେ
ପ୍ରଳୟାନ୍ତକ କାଳ ହୋଇଲା ଫେନମୟେ । ୨୧୪
ନିରଞ୍ଜନ ନାଥ ଶୟନ ଯୋଗବଳେ
ଅନାଦି ମହାଦେବ ବାକ୍ୟଦେବୀର କୋଳେ । ୨୧୫
ନାସିକାରୁ ରସ ପକାନ୍ତେ ନାରାୟଣ
ସେ ବେନି ଅସୁର ଉତପତ୍ତି ତତକ୍ଷଣ । ୨୧୬
ଆସନ୍ତେ ଆକାଶକୁ କ୍ଷେପନ୍ତି ଦିତେ
ମଧୁ କଇଟଭ ନାମ ୟେ ସଂକେତେ । ୨୧୭
ନାରାୟଣ ସୀମସ୍ଥାନେ ଅଛନ୍ତି ବାକ୍ୟଦେବୀ
କୃଷ୍ଣଙ୍କୁ କୋଳେ ଧରି ପରମ ବୈଷ୍ଣବୀ । ୨୧୮
ଅନନ୍ତ କୋଟି ବ୍ରହ୍ମାଣ୍ଡ ଜଳମୟେ ଅଗାଦ
ସେ ବେନି ଦତ୍ୟଙ୍କର ନ ତିନ୍ତଇ ପାଦ । ୨୧୯
ଅତ୍ୟନ୍ତ ସୁନ୍ଦର ସେ ଦେଖିଣ ଧବଳାଙ୍ଗୀ
ସେ ବେନି ବୀରେ ଦେଖି ଶୃଙ୍ଗାର ବେନି ହେଂ ଯେ ମାଗି । ୨୨୦
ସରସ୍ୱତୀ ବୋଇଲେ ଭୋ ଦେବ ନାରାୟଣ
ମୋତେ ଅଭିଳାଷ ୟେ ମାଗନ୍ତି ବେନି ଜନ । ୨୨୧
ଶୁଣିଣ ନାରାୟଣ ଛାଡିଲେ ଯୋଗବଳ
କାଳାନଳ ଜାଣି ଭ୍ରମଇ ବେନି ଡୋଳ । ୨୨୨
ଚକ୍ର ଧରି ଭ୍ରମି ଆସନ୍ତେ ଅନାଦି ଶ୍ରୀହରି
ମଧୁ କୈଟଭ ଦୁହେଂ କର ଯେ ପ୍ରସାରି । ୨୨୩
----------
୨୧୩ ।୨ସାର୍ଥମ-ଅସ୍ତିତ୍ୱ
୨୨୧ ।୨ଅଭିଳାଷ-ସ୍ପୃହା, ଅନୁରାଗ, ଲୋଭ

ଭୋ ଦେବ ନ ଚିହ୍ନିଲୁ କଲୁ ଆମ୍ଭେ ଦ୍ରୋହ
ସେ ଅନରୂପେ ଶାସ୍ତି ସ୍ୱାମୀ ଆମ୍ଭଙ୍କୁ ଯେ ଦିଅ । ୨୨୪
ଭକ୍ତି ଉପୁଜାଇ ମାଗିଲେ ଯହୁଂ ବର
ସ୍ୱାମୀ ଯହିଂ ପାଣି ନାହିଂ ତହିଂ ଆମ୍ଭଙ୍କୁ ଯେ ମାର । ୨୨୫
ଶୁଣିଣ ନାରାୟଣ ବହିଲେ ବୀର ତନୁ
ଦୁଇ ଦାନବନ୍ତ ମାଡି ବସିଲେ ଦୁଇ ଜାନୁ । ୨୨୬
ଗଦାୟେ ମେଲି ଦେବ ମାଂସ କଲେ ଲୋଚା
ଜଳୋଦକ କରିଣ ୟେ ପୃଥୀ କଲେ ସଞ୍ଚା । ୨୨୭
ସହଦେବ ବୋଲଇ ଶୁଣିମା ଧର୍ମସୁତ
ସେ ମେଦାସୁରକୁ ଯେ ମେଦିଲେ ଅଚ୍ୟୁତ । ୨୨୮

ସେ ମେଦାସୁର ମେଦି ଜଳେ ପକାନ୍ତେ ଗଦାଧର
ପଞ୍ଜରା ଅସ୍ଥି ଖଣ୍ଡେ ରହିଲା ଶେଷ ତାର । ୨୨୯
ତଳେ ପକାନ୍ତେ ବିମ୍ବ ୟେକ ହେଲା
ଅନନ୍ତ ବିମ୍ବର ବୋଲି ଅନାଦି ନାମ ଦିଲା । ୨୩୦
ତାର ଉପରେ ପଡିଲା ମାଂସ ଲୋଚା
ତେଣୁ ସେ ମେଦିନୀ ନାମ ବିଷ୍ଣୁ କଲେ ସଞ୍ଚା । ୨୩୧
ସହଦେବ ବୋଲନ୍ତି ଶୁଣିମା ଧର୍ମବଛି
ଅସୁର ମାଂସେ ସ୍ୱାମୀ  ମେଦିନୀ ହୋଇଅଛି । ୨୩୨
ୟେ ଅସୁର ବଂଶ କହଇ ଶୁଣିମା ସାବଧାନେ
ୟେଣୁ ଅସୁର ହୋଇଲେ ବର୍ଧମାନେ । ୨୩୩
ମଧ୍ୟକାର ବୋଲି ଅସୁରାଧି ଗୋତ୍ରେ
ସେ ବଂଶେ ଉତପତ୍ତି ତ୍ରିହୋତ୍ର ବୋଲି ପୁତ୍ରେ । ୨୩୪
ତ୍ରିହୋତ୍ରର ନନ୍ଦନ ଜମ୍ବୁଦତ୍ୟ ବୋଲି
ଜମ୍ବୁଦତ୍ୟର ପୁତ୍ର ଜପାସୁର କହିଲି । ୨୩୫
ଜପାସୁର ନନ୍ଦନ ଯେ ଦପାସୁର ବୀରା
ଦପାସୁର ପୁତ୍ର ହୋଇଲା ଅଙ୍ଗିରା । ୨୩୬
ଅଙ୍ଗିରାର ନନ୍ଦନ ମୟେ ବୋଲି ବୀର
ମୟେର ନନ୍ଦନ ଉତପତ୍ତି ଲୋହାସୁର । ୨୩୭

ଲୋହାସୁର ପୁତ୍ର ଯେ ଅସୁର ବିତକ୍ଷ
ତାହାର ନନ୍ଦନ ଶୁଳିକ ମହାତକ୍ଷ । ୨୩୮
ଶୁଳିକର ନନ୍ଦନ ବଜ୍ରନାଭ ଅସୁର
ବଜ୍ରନାଭ ନନ୍ଦନ ସୌଦାସ ରାକ୍ଷସ ମହାବୀର । ୨୩୯
ଜଳତରଙ୍ଗ ନାମେ ୟେହାର ସେ ଶିଷ୍ୟ । ୨୪୦
ୟେ ଜଳତରଙ୍ଗ ବ୍ରହ୍ମାଣ୍ଡ ବୁଲିଲା
ଅନନ୍ତ ବିମ୍ବର ପାତାଳେ ଠାବ କଲା । ୨୪୧
କଟକ କରି ତହିଂ ରହିଲା କାମଚର
ସହସ୍ରେକ ବାର ଧାଡି ଦିଲାକ ଅମର । ୨୪୨
ତରେଣ ସ୍ୱର୍ଗ ଛାଡି ପଳାବନ୍ତି ଦେବବୃନ୍ଦ
ଜୁର କରି ଆଣଇ ସ୍ୱର୍ଗର ସ- ଦ । ୨୪୩
ଜଳତରଙ୍ଗ ନନ୍ଦନ ଅସୁର ବୀର ମେଧା
ୟେ ସେଆକାଶକୁ କଲାକ ଶରଧା । ୨୪୪
ମେଧାସୁର ନନ୍ଦନ ଅଟଇ କୃତକେଶୀ
ସଂସାର ଦହିଲା ସେ ଯେ ନାଶିଲା ସର୍ବ ଋଷି । ୨୪୫
କୃତକେଶୀ ନନ୍ଦନ ଜଟାସୁର ନାମ
ସେ ମହା ମୁଢ ଯେ ନାଶିଲା ସବୁ ଧର୍ମ । ୨୪୬
କୃତକେଶୀ ପୁତ୍ର ଅଟି ଲୋହିତାକ୍ଷ
ଭାସ୍କର ବରେ ସେ ଯେ ପ୍ରତାପୀ ମହାଦକ୍ଷ । ୨୪୭
ୟେ ପୁଣି ସ୍ୱର୍ଗକଇଂ ଅନେକ ଧାଡି ଦିଲା
ତରେଣ ଶଚୀପତି ସ୍ୱର୍ଗ ଛାଡି ଦିଲା । ୨୪୮
ବହୁତ ଦ୍ରବ୍ୟ ସେ ଯେ ଆଣିଲା ଜୁର କରି
ୟେ ପାପିଷ୍ଠର ମନ ଯେ ବଳିଲା ଦେବ ସ୍ତିରୀ । ୨୪୯
ଯହୁଂ ସ୍ୱର୍ଗ ଛାଡି ପଳାଇଲାକ ବଜ୍ରଧର
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପାଳିଲେ ଅସୁର । ୨୫୦
ମକର ଶୁକ୍ଳପକ୍ଷ ଯେ ପୌର୍ଣ୍ଣମୀର ଦିନ

ମଘା ନାମେଣ ନକ୍ଷତ୍ର ଯେ ଅଟଇ ବିଦ୍ୟମାନ । ୨୫୧
ଗର ନାମେ କରଣ ଅତିଗଣ୍ଡ ନାମେ ଯୋଗ
ମକର ସଙ୍କରାନ୍ତିକି ସତର ଦିନ ଭୋଗ । ୨୫୨
----------
୨୪୨ ।୧କାମଚର-ରାକ୍ଷସ ।

ସେ ଦିନ ଲୋହିତାକ୍ଷ ମେରୁକୁ ଦିଲା ଧାତି
ବିଚାରଇ ଆଜ ତାକୁ ପକାଇବି ଉପାଡି । ୨୫୩
ଯେମନ୍ତେ ବିଚାରି ସେ ଯେ ମେରୁ ସ୍ଥାନେ ମିଳି
ହୁଂକାର ଶବଦ ଯେ କଲା ଯାତୁଧାନ ମହୀ ଯେ ଉଛୁଳି । ୨୫୪
ତିନି ବେଳ ଝାଙ୍କନ୍ତେ ହଲିଲାକ ମେରୁ
ଟଳିଲାକ ପୃଥୀ ନୋହିଲାକ ଯହୁଂ ଗରୁ । ୨୫୫
ବିକଳେ ମେରୁ ସେ ଯେ ବୋଲଇ ଅସୁରକୁ
କି-ାଇ ଦୁର୍ଧଂସ ତୁ କରୁଅଛୁ ମକୁ । ୨୫୬
ମୁହିଂ ତ ରେ ତୋହୋର ନୋହଇ ବିରି
ନିଷ୍ଚଳେ ମାଡି ମୁଂ ଯେ ବସଇ ବସୁନ୍ଧରୀ । ୨୫୭
କି-ାଇ ମହାଦତ୍ୟ କୋପ ମୋତେ କରୁ
ତୋତେ ସାମାନ୍ୟ ମୁଂ କାହିଂ ହେବି ଗରୁ । ୨୫୮
ମେରୁର କାକୁସ୍ତି ବିନୟ ବାଣୀ ଶୁଣି
ଶାନ୍ତି ଭଜିଲା ସେ ଅସୁର କୂଳ ଚୂଡାମଣି । ୨୫୯
ବୋଇଲା ଯଦ୍ୟପି ତୋତେ ମୁଂ ନ ଉପାଡିବି
କିସ ଦେବୁ ମୋତେ ଯେ ବାହୁଡିଣ ଯିବି । ୨୬୦
ମେରୁ ବୋଇଲା ଯେ ତୋହୋର ଇଛା
ମାଗୁ କିନା ତୋର ପୂରୁ ମନ ବାଞ୍ଛା । ୨୬୧
ଲୋହିତାକ୍ଷ ବୋଇଲା ସତ୍ୟ କର ତୁହି
ତଦଅନ୍ତକରି ଯାହା ମାଗିବି ମନାଇଂ । ୨୬୨
ଶୁଣିଣ ହେମାଦ୍ରି ଯେ ସତ୍ୟ ସତ୍ୟ କହି
ତୁ ଯାହା ମାଗିବୁ ଅବଶ୍ୟ ଦେବି ମୁହିଂ । ୨୬୩
ଶୁଣିଣ ଲୋହିତାକ୍ଷ ବୋଇଲା ନିରାଧାର
ମୁକୁଇଂ ଦେବୁ ସରିତା ଦୁହିତା ତୋହୋର । ୨୬୪
ଶୁଣିଣ ମେରୁ ସତ୍ୟ ଭଗ୍ନ ନୋହିଲା
ସରିତାକୁ ଆଣିଣ ଲୋହିତାକ୍ଷକୁ ଦିଲା । ୨୬୫
କନ୍ୟା ଘେନି ଅସୁର ବାହିଡିଲା ଧାତି
ସେ ଦିନୁଂ ମେରୁକଇଂ କଲା ବହୁତ ପୀରତି । ୨୬୬
--------
୨୫୪ ।୨ଯାତୁଧାନ-ନିଶାଚର, ରାକ୍ଷସ

ଅନନ୍ତ ବିମ୍ବରେ ବିହରନ୍ତେ ଯାତୁଧାନ
ଯେମନ୍ତେ ଗଲା ତହିଂ କେତେହେଂକ ଦିନ । ୨୬୭
ସରିତାର ସଙ୍ଗେ ପ୍ରୀତି ବଶ ହୋଇ
ଆବର ସ୍ୱର୍ଗକୁ ଯେ ନ ଯାଏ ଦଣ୍ଡ ବାହି । ୨୬୮
ସ୍ୱର୍ଗେ ଦେବତାୟେ ଯେ ନିଷ୍ଚନ୍ତେ ରହିଲେ
ବହୁତ ପ୍ରଶଂସା ସେ ଯେ ମେରୁକଇଂ କଲେ । ୨୬୯
ୟେଥୁ ଅନନ୍ତରେ ଶୁଣିମା ଭୋ ଦେବ
ଚାଲି ଯାଉଂ ଯାଉଂ କହଇ ସହଦେବ । ୨୭୦

ବୈଶାଖ କୃଷ୍ଣ ଯେ ଅମାବଇ ଦିନ
ରେବତୀ ନକ୍ଷତ୍ର ଯେ ଅଟି ବିଦ୍ୟମାନ । ୨୭୧
ବିଷ୍ଟି ନାମେ କରଣ ବ୍ୟତିପାତ ନାମେ ଯୋଗ
ମେଷ ସଙ୍କରାନ୍ତି କି ବାଇଶ ଦିନ ଭୋଗ । ୨୭୨
ଭୃଗୁ ବାରର ରାତ୍ର ଅଟଇ ବିଦ୍ୟମାନ
ସରିତାର ଗର୍ଭରୁ ଉତପତ୍ତି ନନ୍ଦନ । ୨୭୩
ମହା ଉଗ୍ର ତେଜ ଯେ ପ୍ରଚଣ୍ଡ କାଳାନଳ
ଦିନୁ ଦିନୁ ବଢଇ ଅସୁର ଅଚାର୍ଗଳ । ୨୭୪
ନାମ ତାହାର ଯେ ଦିଲା ଲୋହିତାକ୍ଷ
ଯେ ପୁତ୍ର ନାମ ମୋର ଅଟଇ ବିରୂପାକ୍ଷ । ୨୭୫
ଜନ୍ମ ହୋଉଂ ଯେଣୁ ଭୀଷ୍ମ ରୂପ ହେଲା
ତେଣୁ କରି ବରୂପାକ୍ଷ ବୋଲି ପିତା ନାମ ଦିଲା । ୨୭୬
କିଛୁ ଦିନ ଅନ୍ତରେ ବୋଲଇ ସରିତା
ଭୋ ପୁତ୍ର ତପସ୍ୟା କର ରେ ବିଧାତା । ୨୭୭
ଯାହାର ପ୍ରସନ୍ନେ ଜରା ମୃତ୍ୟୁ ନାହିଂ
ଅଭୟେ ବର ଦିୟେ ସାବିତ୍ରୀ ଦେବୀର ସାଇଂ । ୨୭୮
ଶୁଣି ବିରୁପାକ୍ଷ ସନମତ କଲା
ତପସ୍ୟା କରିବାକୁ ବିମ୍ବରୁ ବାହାରିଲା । ୨୭୯
ଦେଖିଲା ପୃଥୀ ଯେ ତୃତୀୟ ବିଦ୍ୟମାନ
ଗ୍ରାମ ପାଟଣା ନନ୍ଦ ନଦୀ ଯେ ଉପବନ । ୨୮୦

ମହା ଘୋର ବନେ ପ୍ରବେଶ ରାକ୍ଷସ
ଜିଣିଣ ଗଲା ସେ ହଟକେଶ୍ୱର ଦେଶ । ୨୮୧
ତୁଙ୍ଗଭଦ୍ରା ବନ ଯେ ଅତ୍ୟନ୍ତ ପରିମଳ
ସେ ବନେ ବସିଲା ଯେ ଆସନ ନିଷ୍ଚଳ । ୨୮୨
ଷୋଳ ତମ୍ବରୁ ଯେ ଗ୍ୟାନ ତତ୍ତ୍ୱ ଧରି
ବ୍ରହ୍ମାଙ୍କୁ ତପସ୍ୟା କରି ନି-ଆହାରୀ । ୨୮୩
ନବ ସହସ୍ର ବରଷ କଲା ଘୋର ତପ
ବ୍ରହ୍ମାଙ୍କୁ ଲୟେ କରି ଦୁରାତ୍ମା କୁଣୋପ । ୨୮୪
ଅନଳ ଜାଳିଣ ସେ ମାଂସ କାଟି ଦେହୁଂ
ଅଗ୍ନିର ଭିତରେ ମାଂସ କାଟି ଦେଉ । ୨୮୫
ଅଗ୍ନିରେ ଦିଅନ୍ତେ ଯେ କଅଂଳଇ ଅଙ୍ଗ
ପଶୁ ମାଂସ କାଟି ଯେ ଦିଅଇ ହବି ମଧ୍ୟ ଭାଗ । ୨୮୬
ଯେ ପ୍ରମାଣେ ତପ ଯେ ଦାନବ କରଇ
ନବ ସହସ୍ର ବରଷ ନି-ଆହାରେ ଥାଇ । ୨୮୭
ଯେତେ କଷ୍ଟେ ନ ଦିଖିଲାକ ଚିହ୍ନ ବର୍ଣ୍ଣ
ପୁମ ଦହିଲା ଯେ ଶରୀର ଯାତୁଧାନ । ୨୮୮
ଯେକୋଇଶି ସହସ୍ର ବର୍ଷ ଅଗ୍ନିରେ ଦେହ ଝାସି
ଆହୁତି ସମର୍ପିଲା ଅଗ୍ନିରେ ଯାଇଂ ପଶି । ୨୮୯
ଅନଳ ଭିତରେ ଯେ ନିବେଶିଲା କାୟା
ଦହନ ନୋହିଲା ସେ ଯେ ପିତାମହର ମାୟା । ୨୯୦
ଜଳି ବହନି ଯେ ନିଜ ତେଜ ଲାଗି
ଦୁରାପଦ କଷ୍ଟେ ଜୀବନ ପରିତ୍ୟାଗି । ୨୯୧
ମହାକଷ୍ଟୋର ଦେଖି ଭୟେ କଲେ ବୃନ୍ଦାଅର୍କେ
ଧାତାର ତହିଂକି ଯେ ଗଲେ ଦେବ ଲୋକେ । ୨୯୨

ଇନ୍ଦ୍ର ଚନ୍ଦ୍ର ପବନ ଦେବ ବୃହସ୍ପତି
ସୂର୍ଯ୍ୟ ନଳକୁବେର ବରୁଣ ନୈରୁତି । ୨୯୩
ଗ୍ରହଗଣ ଆଦି ସପ୍ତ ଦେବଲୋକେ
ବସୁଧା ସହିତେ ସମସ୍ତେ ଦେବେ ଶୋକେ । ୨୯୪

ଯଶୋବନ୍ତୀ ଭୁବନେ ବିଜୟେ ବେଦବର
ଆସ୍ତାନ ତଳେ ଉଭା ସମସ୍ତ ଦେବବର । ୨୯୫
ଶତ ସହସ୍ର ଯେ ପ୍ରଣମ୍ୟ ଦଇନି
ଦେଖିଣ ପ୍ରତିବାଚ ଦିଅନ୍ତି ପଦ୍ମଯୋନି । ୨୯୬
ଇଦଂ ପ୍ରତିବାଚ ପିତାମହ ସଂଚି
ସ୍ୱୟଂ ସମ୍ଭାଷଣ କରନ୍ତି ବିରଞ୍ଚି । ୨୯୭
କିମ୍ଭୂତ କାରଣେ ଅଇଲ ବୃନ୍ଦାଅର୍କେ
ମୁଖେ ଅଙ୍ଗୁଷ୍ଠି ଦେଇ ଦେବେ ଶୋକେ । ୨୯୮
ବୃହସ୍ପତି ବୋଇଲେ ତୁ ଜଗତର ବନ୍ଧୁ
କାରଣ ନାଥ ତୁ ଯେ କୃପାଜଳ ସିନ୍ଧୁ । ୨୯୯
ଲୋହିତାକ୍ଷର ସୁତ ବିରୂପାକ୍ଷ ବୀର
ସେ ତୋତେ ଲୟେ ଯେ କରଇ ଅପାର । ୩୦୦
କାହାର ସ-୍ରଧି ସେ ଯେ ଘେନିମ ଯାତୁଧାନ
ଶୁଣିଣ ବୋଲନ୍ତି ସେ ଚତୁର ବଦନ । ୩୦୧
ମୁଂ ତାହାକୁ ବର ଦେବଇ ନିରାଧାର
ତୁମ୍ଭେ ଦେବେ ଯାଅ ଯେ ଯାହାର ଘର । ୩୦୨
ଶୁଣିଣ ଦେବେ ଗଲେ ଯେ ୟାହାର ସ୍ଥାନ
ମରୁଳ ବାହନେ ବିଜେ ଚତୁର ବଦନ । ୩୦୩
ବିରୂପାକ୍ଷ ସନ୍ନିଧ୍ୟେ ଯାଇଂ ପ୍ରବେଶ ହୋଇଲେ
କମଣ୍ଡଳୁ ପାଣି ୟେ ସଧୀରେ ସିଞ୍ଚିଲେ । ୩୦୪
ଗତୁଂ ଶତେ ଗୁଣେ ହୋଇଲା ଅସୁର
ବ୍ରହ୍ମା ବୋଇଲେ ମାଗୁ କି ନା ବର । ୩୦୫
କର ପତ୍ର ଯୋଡି ବୋଲଇ ସରିତା ତନୟେ
ଭୋ ସ୍ୱାମୀ ବେଦବର ମୁଂ ହୋଇବି ଅକ୍ଷୟେ । ୩୦୬
ଅସ୍ତୁ ହୋଉ ବୋଲିଣ ବୋଇଲେ ପିତାମହ
ଭୋ ସ୍ୱାମୀ ବେଦବର ବଜ୍ର ହୋଉ ମୋର ଦେହ । ୩୦୭
ଦେବାସୁର ନରେ ଯେ ନ ମରିବି ମୁହିଂ
ଦେବ ଶର ମାନ ମୋର ଅଙ୍ଗେ ନ ଭେଦଇ । ୩୦୮
-------
୩୦୩ ।୨ମରୁଳ-ମରାଳ-ହଂସ ।

ଭ୍ରମି ଆସିବ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ମୋର ଯାନ
ସାଂଗ୍ରାମେ ମୋତେ କେହି ନୋହିବେ ସମାନ । ୩୦୯
ଅସ୍ତୁ ହେଉ ବୋଲି ବୋଇଲେ ବେଦବର
କର ପତ୍ର ଯୋଡି ବୋଲଇ ଅସୁର । ୩୧୦
ଭୋ ପିତାମହ ଦିଲୁ ଅଭୟେ ଯେ ବର । ୩୧୧
ମୃତ୍ୟୁ ଭେଦ ମୋର କହିବା ନା ତତ୍ତ୍ୱ
ଶୁଣିଣ ଉତ୍ତର ବୋଲନ୍ତି କୁଶକେତୁ । ୩୧୨
ପଞ୍ଚୁ ଇନ୍ଦ୍ର ଜନ୍ମିବେ ୟେ ମର୍ତ୍ତ୍ୟ ଭୁବନେ
ସେ ତୋର ହନ୍ତକାରୁ ପାଣ୍ଡେବ ଫାଲଗୁନ୍ୟେ । ୩୧୩

ଶୁଣିଣ ବିଚାରଇ ଅସୁର କୁଳପତି
ଯେକ ଇନ୍ଦ୍ର ସିନା ସ୍ୱର୍ଗରେ ଆଧିପତି । ୩୧୪
ପଞ୍ଚ ଇନ୍ଦ୍ର କାହିଁ ଏକତ୍ରେ ଜନ୍ମ ହୋଇ
ଧନ୍ୟ ମୋର ବର ଅଭୟେ ବର ପାଇ । ୩୧୫
ଯେମନ୍ତ ବିଚାରି ସେ ବୋଇଲା ଦାନବ
ଭୋ କୁଶକେତୁ ମୋର ଅମୃତ ଲିଙ୍ଗ ଥିବ । ୩୧୬
ପଞ୍ଚ ଇନ୍ଦ୍ରେ ଯେବେ ମୋତେ ପକାଇବେ ହାଣି
ପୁନ ପୁନ ଶିର ମୋର ଲାଗିବ ତତକ୍ଷଣି । ୩୧୭
ଅମୃତ ଲିହ୍ଗ ମୋର ନାଭି ପଦ୍ମେ ଥିବ
ସେ ଥିବା ଯାଏ ମୋର ମୃତ୍ୟୁ ଯେ ନୋହିବ । ୩୧୮
ଅସ୍ତୁ ହେଉ ବୋଲି ବୋଇଲେ ବେଦବର
ଅନ୍ତର୍ଧାନ ହୋଇଲେ ଅସୁରକୁ ଦେଇ ବର । ୩୧୯
ସେ ଦିନୁ ରାକ୍ଷସ ଯେ ଦିଗବିଜେ କଲା
ଅନେକ ରାଜା ସେ ଯେ ରାକ୍ଷସ ଜିଣିଲା । ୩୨୦
ବ୍ରହ୍ମା ବରେ ସେ ଯେ  ଅସୁର ମହାବୀର
ସରି ନୁହଂନ୍ତି ତାକୁ ସମରେ ହରିହର । ୩୨୧
ଭାନୁମତୀ କି ଯେବେ ରଥରେ ବସାଇବ
ପାତାଳ ଭୁବନକୁ ବୋଲି ଘେନି ଯିବ । ୩୨୨
ଜଳଅନ୍ଧାରି ପୁର ଯେ ଅଟଇ କୁଣ୍ଡଳୀ
ଭେଦ ନୋହଇ ବ୍ରହ୍ମା ବିଷ୍ଣୁ ଯେବେ ମିଳି । ୩୨୩

ଶୁଣିଣ ଯୁଝେଷ୍ଠି ଭୀମକୁ ଆଗ୍ୟାଂ ଦିଲେ
ଆଗରେ ଦତ୍ୟକୁ ନିରୋଧ ବୋଇଲେ । ୩୨୪
ଶୁଣିଣ ପାବନି ଯେ ଧାଇଂଲାକ ଖରେ
ଅଜଙ୍ଗପାଦ ବନେ ପ୍ରବେଶ ବୃକୋଦରେ । ୩୨୫
ଦେଖିଲା ପଡିଣ ଯେ ଅଛନ୍ତି କୁରୁବୀରେ
ରଥିରେ ବନ୍ଧନ ଦ୍ରୋଣଙ୍କ କୁମରେ । ୩୨୬
ବନ୍ଧନେ ଚେତନା ସେ ପାଇଲା ଅଶସ୍ତମା
ଦୁର ହୁଂ ଦେଖିଲା ଯେ ଆସଇ ବୀର ଭୀମା । ୩୨୭
କର ଚରଣ ସେ ଯେ ନ ପାରଇ ଚାଳି
ଦାରୁଣ ରାକ୍ଷସ ତାକୁ ବାନ୍ଧିଛି ନିରୋଳି । ୩୨୮
ରଥର ସନିଧ୍ୟେ ମିଳିଲା ପବନର ନାନ
ବିଜୟା ସାରଥିକି ଧଇଲାକ ବହନ । ୩୨୯
ତୋଳି କଚାଡିଲା ରଥ ଚକର ଉପରେ
ଛେଚି ହୋଇ ସାରଥି ଯେ ପଡିଲା ଭୂମିରେ । ୩୩୦
ଅଶସ୍ତମା ପାଶେ ପ୍ରବେଶ ପାବେନି
ଧିକ୍କାର କରଇ ସେ ଯେ ଗୁରୁସୁତ ଚିହ୍ନି । ୩୩୧
ଅସିପତ୍ର ଘେନିଣ ବନ୍ଧନ ତାର କାଟି
ଅଶସ୍ତମା ବାହା ଧରି ତଳକୁ ଦିଲା ଛାଟି । ୩୩୨
ବଜ୍ର ସମ ଗଦା ରଥେ ପ୍ରହାରିଲା
ଅଖ ଚକ ଅଶ୍ୱ ରଥନ୍ତ ଧୂଳି କଲା । ୩୩୩
ତଦ୍ୟାପି ବିରୂପାକ୍ଷ ନ ଜାଣଇଂ କିଛି
ଭାନୁମତୀ ରୂପ ଦେଖି ମୋହ ହୋଇଅଛି । ୩୩୪
ଯେଥୁ ଅନନ୍ତରେ ଭାନୁମତୀ ରାଣୀ
ସ୍ୱାମୀ ସନ୍ୟ ଅଭାବେ ଯେ କାନ୍ଦଇ ତରୁଣୀ । ୩୩୫

ଯେତେ କ୍ରୋଧ ତାର କହିତ କି ପାରି
ଲକ୍ଷେ ରାଜାନ୍ତ ମୋ ପିତା ଥିଲା ବରି । ୩୩୬
ଶଙ୍ଖ ପଦ୍ମ ନିଧି ସନ୍ତେକ ନ ପାଇ
ନାସ୍ତ କଲି ମୁହିଂ ପିତାର ମୁଖ ଚାହିଂ । ୩୩୭

ଶୁଣି ପିତା ମୋର ରାଜାଙ୍କୁ ଅବଧାରି
ନୋହିଲା ସଙ୍କେତ ନାସ୍ତି କଲା ମୋ କୁମାରୀ । ୩୩୮
ସଜ୍ଜନ ରାଜାମାନେ ବାହୁଡିଲେ
ଦୁଷ୍ଟ ରାଜାମାନେ ଯେ ଯୁଦ୍ଧ ଆରମ୍ଭିଲେ । ୩୩୯
ଅକସ୍ମାତେ ସ୍ୱାମୀ ଯେ ହୋଇଲୁ ଉତପନ୍ନ
ଲକ୍ଷେ ରାଜାଙ୍କୁ ୟେକା ଜିଣିଲା ବୀର କର୍ଣ୍ଣ । ୩୪୦ ସଂ
ଛାର ଦନୁଜ ୟେ ଦୁର୍ଭାର କାମରୂପୀ
ତାହାକୁ ଭୋ ସ୍ୱାମୀ ଯେ ହାରିଲ ଅଦ୍ୟାପି । ୩୪୧
ଆଶା ଦେଖାଇ ୟେ ନି-ଆଶା କରି ଗଲୁ
ଯେତେ ମୁଂ କହିଲି ମୋର ବୋଲ ନ ମାନିଲୁ । ୩୪୨
ସୁନ୍ଦର ସୁଲକ୍ଷଣ ଅଟୁ ନବ ଯୁବା
ବୃକ୍ଷରେ ଉଠାଇ ନିଶୁଣି କାଟିଲୁ ମୋର ବାବା । ୩୪୩
ଅନଙ୍ଗ ସୁନ୍ଦର ଯୁବା ବୟସ ମୂରତି
ଶଙ୍ଖ ପଦ୍ମ ନିଧି ଶ୍ରୀକରେ ତୋର ସ୍ଥିତି । ୩୪୪
କୀର୍ତ୍ତିଗ୍ରାମ ତୋର ନ ଜାଣଇଂ ମୁହିଂ
ପୂର୍ବେଣ କି ପୂଜି ନ ଥିଲି ମୁଂ ଉମାସାଇଂ । ୩୪୫
ସ୍ୱାମୀର ଗୁଣ ମୁଂ ଯେ ବାହୁନିବି କିସ
ଜଳନ୍ତା ଅନଳେ ମୁଂ ଯେ ନିଷ୍ଟେ ଦେବି ଝାସ । ୩୪୬
ତଳକୁ ନ ଆସଇ ଅସୁର ଭୟ ପାଇ
ରଥର ଉପରେ ସେ ଯେ ବାହୁନି କାନ୍ଦଇ । ୩୪୭
ୟେଥୁ ଅନନ୍ତରେ କର୍ଣ୍ଣ ମହାବଳୀ
ବିରୂପାକ୍ଷ ଘାତେ ସେ ୟେ ପଡିଥିଲା ଢଳି । ୩୪୮
ରାତ୍ରମାନେ ସେ ୟେ ମୃତ୍ୟୁ ପାଇ ଥିଲା
ରାତ୍ରର ଅନ୍ତେ ପୁଣ ଅରୁଣ ଉଇଂଲା । ୩୪୯
ଆଦିତ୍ୟର ସୁତ ଯେ ଅଟନ୍ତି କର୍ଣ୍ଣବୀର
ଅମୃତ କୁଣ୍ଡଳ କର୍ଣ୍ଣେ ରଞ୍ଛିଛି କରତାର । ୩୫୦
ସେ କୁଣ୍ଡଳ ଥିଲେ ମୃତ୍ୟୁ ତାର ନାହିଂ
ସୂର୍ଯ୍ୟଙ୍କ କିରଣେ ଅମୃତ ଝରଇ । ୩୫୧

ଶୀତ ରଶ୍ମି କାଳେ ମୃତ୍ୟୁ ପାଇଥିଲା
ରବି ଉଦେ ହୁଅନ୍ତେ ଅମୃତ ସ୍ରବିଲା । ୩୫୨
ମୁଖେଣ ପଶନ୍ତେ କର୍ଣ୍ଣ ପାଇଲା ଚେତନ
ନ ଉଠଇ ଡରେ ସେ କରିଣ ଭୟ ମନ । ୩୫୩
ୟେମନ୍ତ ସମୟେ ଯେ ପବନ ତନୟେ
ଅସୁର ରଥ ଭଗ୍ନ କରି ସିଂଘ ରଡି ଦିୟେ । ୩୫୪
କର୍ଣ୍ଣ ଶୁଣିଲା ଯହୁଂ ବ୍ରିକୋଦର ଡାକ
ଆକାଶର ପାଣି କି ସେ ପାଇଲା ଚାତେକ । ୩୫୫
ପର୍ବତ ସମାନେ ବେନି ଗଦା ତୋଳି
ରାକ୍ଷସ ଉପରକୁ ଯେ ଧାମଇଂ ମହାବଳୀ । ୩୫୬
ଚକ୍ଷୁ ମଳି କର୍ଣ୍ଣ ଉଠିଲାକ ଧାତି

ଦେଖିଣ ଅଳପ ହସଇ ମାରୁତି । ୩୫୭
ଅଶସ୍ତମା ଭୀମ କର୍ଣ୍ଣ ଘେନି ତିନି
ରାକ୍ଷସ ଉପରକୁ ଧାମଇଂ ପେବନି । ୩୫୮
ରଥ ତଳେ ଯେ ଦାନେବ ଅଛି ରହି
ସିଂଘ ରଡି ଶୁଣି ପଛକୁ ଦିଲା ଚାହିଂ । ୩୫୯
ମେରୁ ତୁଲ୍ୟ ଜାଣି ଭୀମସେନ କାୟେ
ମନ୍ଦର ତୁଲ୍ୟ ବେନି ଗଦା ଘେନି ଧାୟେଂ। ୩୬୦
ରେ ରେ କାର ଶବଦେ ଉଛୁଳଇଲାକ ନହୀ
ବାମ ଡାହାଣେ କର୍ଣ୍ଣ ଅଶସ୍ତମା ରହି । ୩୬୧
ଇନ୍ଦ୍ର ଧନୁ ଜାଣି କରେ ଚାପ ଧରି
ଭୀମ ସଙ୍ଗେ ଧାମନ୍ତି ବିକ୍ରମ କେଶରୀ । ୩୬୨
ଅସୁର ବିଘାତେ ମରି ଜୀଇଂ ଥିଲେ
ଭୀମକୁ ବଳ ପାଇ ଉଠିଣ ଧାଇଂଲେ । ୩୬୩
ଅସୁର ସନ୍ନିଧ୍ୟେ ପ୍ରବେଶ ହେଲେ ଯାଇଂ
ଅସୁରକୁ ଚାହିଂ ଭୀମସେନ ବୋଲଇ । ୩୬୪
ଆଜ ସେ ବିଧାତା ତୋତେ ମୃତ୍ୟୁ ଦିଲା
ସଞ୍ଜୀବନୀ ନାଥ ତୋର ପାଞ୍ଜି ଯେ ପୋଛିଲା । ୩୬୫

ୟେମନ୍ତ କହନ୍ତେ ଅସୁର କଲା ଦୃଷ୍ଟି
ଆପଣା ରଥରେ ନାହିଂ ସାରଥି ଗୋଟି । ୩୬୬
ବିରରୀତ ଦେଖି ଅସୁର ମନେ ଭାଳି
ୟେ ରଥ ଭାଙ୍ଗିଲା କେ ୟେତେକ ମହାବଳୀ । ୩୬୭
ଦେଖିଲା ଆଗରେ ତିନିଜଣ ଉଭା
ବିଦ୍ୟାଧରର ପ୍ରାୟେ ଦିଶନ୍ତି ଯେ ଶୋଭା । ୩୬୮
ବୋଲଇ ମାନବ ରେ ପୂରିଲା ତୁମ୍ଭ କାଳ
ୟେତେକ ଥାଠ ମାରି ପଦା କଲି ସକଳ । ୩୬୯
ଆବର ଜୀବନ ରେ ପାଇବ କି ତୁମ୍ଭେ
ମୋର ମୁଖେ ଭେଟ ପଡିଲ ତୁମ୍ଭେ ଯେବେ । ୩୭୦
ୟେମନ୍ତ କହିଣ ପାମର ଅସୁର
ଭୀମସେନ ଅଙ୍ଗେ ଶୂଳ କଲାକ ପ୍ରହାର । ୩୭୧
ଶୂଳ ପଡନ୍ତେ ଭୀମ ପାତିଲା ବାମ ଅଙ୍ଗ
ପଡିଣ ଶୂଳ ଯେ ହୋଇଲା ବିଭଙ୍ଗ । ୩୭୨
ଦେଖିଣ ପାବେନି ଯେ ରେ  ରେ କାର କରି
ବାଉଂନ ବାଉଂନ ଭାର ଗଦା କରେ ଧରି । ୩୭୩
ଧାଇଂଣ ପିଟିଲା ସେ ଯେ ପବନର ବସି
କାଳେବର ଗଦା ପଡି ନୋହିଲା ତାର କିଛି । ୩୭୪
ଧନୁ ଧରି କର୍ଣ୍ଣ ଅଶସ୍ତମା ଥିଲେ ରହି
ଅସୁର ଉପରକୁ ବାମ ବିନ୍ଧିଲେ ନିଠାଇ । ୩୭୫
ଦେଖିଣ ଅସୁର ଯେ ପ୍ରତିଶର କରି
ଦୁହିଂଙ୍କର ଶର ଦୂର ହୁଂ ନିବାରି । ୩୭୬
ଅଗ୍ନି ଶରେକ ଯେ ବିନ୍ଧିଲେ ଗୁରୁ ସୁତ
ଜଳ ଧାରା ଶରେ ତାହା ନିବାରିଲା ଦଇତ । ୩୭୭
ମେଘାଶରେକ ଯେ ବିନ୍ଧିଲା କର୍ଣ୍ଣବୀର
ଗର୍ଜନ୍ତି ମେଘମାନେ ପ୍ରଳୟ ମହା ଘୋର । ୩୭୮
ଅସୁର ବିନ୍ଧିଲା ଯେ ପବନାଶର ବାଣ

ପବନ ବିଘାତେ ମେଘେ ରଡିଲେ ଗଗନ । ୩୭୯

ପଞ୍ଚଶତ ଶର ଗୁରୁ ସୁତ ମାରି
କିଞ୍ଚିତ ଶରେ ତାହା ଅସୁର ନିବାରି । ୩୮୦
କୋପେଣ କର୍ଣ୍ଣ ବୀର ପନ୍ନଗା ଶର ମାରି
ଗରୁଡା ଶରେ ତାହା ଅସୁର ନିବାରି । ୩୮୧
ଅସୁର ବୋଲେ ମାନବ ପୂରିଲା ତୋର କାଳ
ଶୂଳ ଧରି ସେ ଯେ ଧାମଇଂ ମହାବଳ । ୩୮୨
ଅସୁର ଧାମନ୍ତେ ଧାମନ୍ତି ପାବେନି
ବାଉନ ବାଉନ ଭାର ଗଦା କରେ ଘେନି । ୩୮୩
ଅସୁର ଭୀମସେନ ପଡିଲେ ଯେ ଭେଟ
ଐରାବ୍ରତ ଗଜ ଯେହ୍ନେ ମେରୁର ନିକଟ । ୩୮୪
ଶୂଳ ଧରି ଅସୁର ପିଟିଲାକ ନେଇ
ବାମ ଅଙ୍ଗ ପାତିଲା ଯେ ପବନ ତନୟି । ୩୮୫
ଶୂଳ ବାଜନ୍ତେଣ ଭୀମସେନ ଗର୍ଜି
ଗଦା ବୁଲାଇ ଭୀମ ପିଟିଲା ଗଳଗାଜି । ୩୮୬
ସେ ଗଦା ପଡିଲା ଯେ ଅସୁରର କାୟେ
କ୍ଷଣେ ଅଚେବନ ଅସୁରକୁଳ ରାୟେ । ୩୮୭
ଚେତନା ପାଇ ପୁଣ ଉଠିଲା ତତତି
ଦେଖିଲା ତିନି ଜଣେ ଉଭା ହୋଇଛନ୍ତି । ୩୮୮
ଶୁମ ହୋ ରାଜନ ବୋଲନ୍ତି ଅଗସ୍ତି ମହାଋଷି
ଯୁଝେଷ୍ଠି ଅର୍ଜୁନ ନକୁଳ ସହଦେବ ମିଳିଲେକ ଆସି । ୩୮୯
ଅଜଙ୍ଗପାଦ ବନକୁ ଯୁଝେଷ୍ଠି ଚାହିଂଲେ
ବିଧାତାକୁ ସୁମରି ଅନେକ ଶୋକ କଲେ । ୩୯୦
ଅର୍ଜୁନକୁ ଚାହିଂ ବୋଲନ୍ତି ଧର୍ମନାନ
ଦେଖ ରେ ଭ୍ରାଥ ପଡିଛନ୍ତି ଶତେ ଗାନ୍ଧାରୀ ନନ୍ଦନ । ୩୯୧
ଭାଇଙ୍କର କଷ୍ଟ ମୁଂ ପୋଶୋରିବି କେମନ୍ତେ
ୟେ ଅନାସ୍ତ ହୋଇଲେ ଆମ୍ଭର ଦେଖନ୍ତେ । ୩୯୨
ପୋଡୁ ଆତ୍ମା ଆତ୍ମର ନିଲଜ ଶରୀରେ
ଶତେ ଭ୍ରାଥ ଯେବେ ପଡିଲେ ସମରେ । ୩୯୩

ଯୁଝେଷ୍ଠିଙ୍କର ଶୋକ କହି ତ ନୋହଇଂ
ଯୁଝେଷ୍ଠିଙ୍କ ସମ୍ବୋଧନା କରନ୍ତି ତିନି ଭାଇ । ୩୯୪
ତେଣେ ଅସୁର ସଙ୍ଗେ ଯୁଦ୍ଧ କରନ୍ତି ତିନି ଜଣ
ରେରେକାର କରନ୍ତେ ଶୁଣିଲା ଅର୍ଜୁନ । ୩୯୫
ଅସୁର ସନ୍ନିଧ୍ୟେ ଚାରି ଭାଇ ହୋଇଲେ ପ୍ରବେଶ
ଦେଖି ଭୀମ ଅଶସ୍ତମା କର୍ଣ୍ଣ ହୋଇଲେ ହରଷ । ୩୯୬
କର୍ଣ୍ଣକୁ ଯୁଝେଷ୍ଠି ନମସ୍କାର କରି
ଅଶସ୍ତମାକୁ ଯୁଝେଷ୍ଠି କୋଳାଗ୍ରତ କରି । ୩୯୭
ଅର୍ଜୁନଙ୍କୁ ଚାହିଂ ବୋଲନ୍ତି ଯୁଝେଷ୍ଠି
ଅସୁରକୁ ବନ୍ଧନ ବାବୁ କର ରେ କିରଟୀ । ୩୯୮
ଅସୁର ଭୀମସେନ ସମର ମହାଘୋର
ଯୁଝେଷ୍ଠିଙ୍କ ଆଗ୍ୟାଂରେ ଧାଣଇଂ ବାସବ କୁମର । ୩୯୯
ଗାଣ୍ଡୀମ ଧନୁ ପାଥ ଧରିଅଛି କରେ
ଯାଇଂଣ ମିଳିଲା ଅସୁର ଆଗରେ । ୪୦୦

ଅସୁରକୁ ଦେଖି ଅର୍ଜୁନ ପ୍ରଜ୍ୱଳି
ଗାଣ୍ଡୀମ ଧନୁରେ ପୂରୋଇ ଆଦ୍ରାବଳି । ୪୦୧
ଶରକୁ ତିଆରଇ ବୀର ଫାଲଗୁନ୍ୟ
ଅସୁରର ପ୍ରାଣ ଘେନସି ବହନ । ୪୦୨
ଶରକୁ ତିଆରି ବେଗେ ଛାଡି ଦିଲା
ଲୋହିତାକ୍ଷ ସୁତ ଦେହେ ବାଜି ଉପୁଡି ପଡିଲା । ୪୦୩
ଟହ ହଟ ହୋଇଣ ଯେ ହସଇ ଦଇତ
ୟେଣେ କି ମାନବାରେ ଜିଣିବୁ ଆମୃନ୍ତ । ୪୦୪
ଲୋହାର ଧନୁ ଯେ ବିରୂପାକ୍ଷ କରେ ଧରି
ଅର୍ଜୁନ ଉପରକୁ ବିନ୍ଧିଲା କୋଟି ଚାରି । ୪୦୫
କିଞ୍ଚିତ ଶରେ ତାହା ଛେଦଇ ଅର୍ଜୁନ
ହାବୋଡା ଶରେକ ବିନ୍ଧିଲା ବୀର ଫାଲଗୁନ୍ୟ । ୪୦୬
ହାବୋଡନ୍ତେ ଅସୁର ଯେ ପଡିଲା ଭୂମିଗତେ
ପୁଣି ଚେତନା ପାଇଂ ଉଠିଲା ତୁରିତେ । ୪୦୭

ବଜ୍ର ବୁଦ୍‌ଗର ଅସୁର ପିଟିଲାକ ଧରି
ଅର୍ଜୁନ ଛେଦିଲା ତାହା ବଜ୍ରଶର ମାରି । ୪୦୮
କୋଟି ଅର୍ବୁଦ ଶର ଅର୍ଜୁନ ଓଟାରି
ଅସୁର ଉପରକୁ ବିନ୍ଧିଲେ କୋପ କରି । ୪୦୯
ବିରୂପାକ୍ଷ ଅସୁର ତାହା ଦୂରହୁଂ ନିବାରି । ୪୧୦
ମନଭେଦୀ ଶର ଯେ ଅର୍ଜୁନ ବେଗେ ପେଷି
ବୋଲେ ବିରୂପାକ୍ଷ ଅସୁରକୁ ପକାଅ ବେଗେ ନାଶି । ୪୧୧
ଶରକୁ ତିଆରି ଅର୍ଜୁନ ଛାଡି ଦିଲା
ଅମୋଦ ଶରେ ଅସୁର ଢଳିମ ପଡିଲା । ୪୧୨
କ୍ଷଣକେ ଚେତନା ପାଇଲା ଅସୁର
ଅର୍ଜୁନକୁ ଚାହିଂ ବୋଲଇ କୋପଭର । ୪୧୩
ଶୂଳ ବୁଲାଇଣ ଉଠଇ କୋପଭରେ
ଅର୍ଜୁନ ଛାମୁରେ ମିଳିଲା ସତ୍ୱରେ । ୪୧୪
ଡାକ ଦିଅଇ ମାନବାରେ ପୂରିଲା ତୋର କାଳ
ଗାରଡି ନ ଜାଣି କାଳ ସର୍ପ ମୁଖେ ଅଙ୍ଗୁଳି ଭର । ୪୧୫
ରେ ରେ ମାନବା ତୁ କେବଣ ଜାତୀୟା
ତିରଣ ପ୍ରମାଣେ କାଟିବି ତୋର କାୟା । ୪୧୬
ରେ ରେ ମାନବା ସୁମର ତୋ ପିତାମାତା
ରେ ରେ ମାନବା ସୁମର ତୋର ଇଷ୍ଟ ଯେ ଦେବତା । ୪୧୭
ପହିଜ କରିଣ ଶୂଳ ଘେନି ପିଟି
ବଜ୍ରା ଶରେ ତାହା ଛେଦଇ କିରଟୀ । ୪୧୮
ଅଧାଚନ୍ଦ୍ର ବାଣ ଯେ ପେଷିଲା ବୀର ଟାଣି
ବିରୂପାକ୍ଷ ଶିର ଯେ ପକାଇଲା ହାଣି । ୪୧୯
କନ୍ଧୁଂ ମୁଣ୍ଡ ପୁଣ ହୋଇଲା ଉତପତ୍ତି
ଟହ ଟହ ହୋଇଂ ହସଇ ଦତ୍ୟପତି । ୪୨୦
ଅସୁର ହସନ୍ତେ ଅର୍ଜୁନ କୋପାନଳ
ତ୍ରୋଣୁଂ କାଢିଲା ସେ ନାରାଜ ମହାକାଳ । ୪୨୧
ଦେଖିଣ ଅସୁର ଯେ ବୈଷ୍ଣବ ଚକ୍ର ଘେନି
ନ ବିନ୍ଧିଲା, ଅର୍ଜୁନ ମହାକାଳ ପକାଇବ ଛିନ୍ନି । ୪୨୨

ଦେଖିଣ ଅର୍ଜୁନ ସେ କରଇ ବିଚାର
ବଡ ଦୁର୍ଭାର ୟେ ଅଟଇ ନିଶାଚର । ୪୨୩
ୟେତେ ବୋଲିଣ ସେ ଯେ ଗନ୍ଧର୍ବା ଶର ବିନ୍ଧି
ରୁଦ୍ରା ଶରେ ତାହା ବିରୂପାକ୍ଷ ଛେଦି । ୪୨୪
କ୍ଷିନି କ୍ଷିନା ଶର ଯେ ବିନ୍ଧିଲା ଅସୁର
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପୂରିଲା ତିନିପୁର । ୪୨୫
ଯହୁଂ ପାର୍ଥ ଦେଖିଲା ଅସୁର ମାୟା ରଣ
ଶରେକ ବିନ୍ଧିଲା ତିମିରି ବିଦାରଣ । ୪୨୬
ତକ୍ଷଣେ ତିମିରି ଫାଟି ସୂର୍ଯ୍ୟ ଉଂଇ
ଦଶଦିସ ନିର୍ମଳ ଦିଶିଲା ରଣ ଭୂଇଂ । ୪୨୭
କୁହୁକା ଶରେକ ବିନ୍ଧିଲା ବାସବି
କୁହୁଡି ଘୋଟିଲା ସଚରାଚର ଭୂବି । ୪୨୮
ଦେଖିଣ ଦାନବ ପ୍ରତି ଅସ୍ତ୍ର କରି
ପବନା ଶରେକ ବିନ୍ଧିଲା ଆଗ ବଢି । ୪୨୯
ପବନ ବିଘାତେ କୁହୁଡି ଫାଟିଲା
ଶର ପଥମାନ ସକଳ ଦିଶିଲା । ୪୩୦
ନାରାୟଣ ଶର ଅସୁର ବିନ୍ଧିଲା
ରୁଦ୍ରା ଶରେ ତାହା ଅର୍ଜୁନ ନିବାରିଲା । ୪୩୧
ପର୍ବତା ଶରେକ ଅର୍ଜୁନ ଯେ ବିନ୍ଧି
ବଜ୍ରା ଶରେ ତାହା ଅସୁର ଛେଦି । ୪୩୨
କପାଳକୁ ଅର୍ଜୁନ ବିନ୍ଧିଲା ଲକ୍ଷେ ବାଣ
କଣ୍ଠକୁ ଶତେ ବାଣ ବିନ୍ଧିଲା ଗରୁ ଟାଣ । ୪୩୩
ଅର୍ବୁଦେକ ଶର ଲାଭି ମଣ୍ଡଳକୁ
ୟେତେ ଶର ବିନ୍ଧିଲା ବିରୁପାକ୍ଷ ଅସୁରକୁ । ୪୩୪
ଦେଖିଣ ଅସୁର ପ୍ରତି ଅସ୍ର କରି
ଅର୍ଜୁନ ଶର ସବୁ ଦୂରହୁଂ ନିବାରି । ୪୩୫
ଶର ନିବାରିଣ ବିରୂପାକ୍ଷ ଅସୁର
ତ୍ରୋଣୁଂ କାଢିଲା ସେ ନାଗପାଶ ଶର । ୪୩୬

ଶରକୁ ତିଆରଇ ଅସୁର-କୁଳପତି
ୟେ ମାନବାର ପ୍ରାଣ ଘେନ ତୁ ତତତି । ୪୩୭
ଆଗ୍ୟାଂ ପାଇଣ ନାଗମାନେ ଚଳି
ଗର୍ଜନ ନାଦରେ କୁରୁମ ଉଛୁଳି । ୪୩୮
ସଚରାଚର ଯେ ଘୋଟିଲେ ନାଗବଳ
ବୃନ୍ଦାଅର୍କେ ଦେଖି ଯେ ହୋଇଲେ ବିକଳ । ୪୩୯
କର୍ଣ୍ଣେ ଡାକ ଦିଅଇ ରେ ଶୁଣ ସବ୍ୟସାଚୀ
ଗରୁଡା ଶର ବେଗେ ତୁ ବିନ୍ଧ ଆମଞ୍ଚି । ୪୪୦
ଗରୁଡ ଫାଶୀ ଶର ଅର୍ଜୁନ ମାରି
ଦେଖିଣ ନାଗମାନେ ପଳାଇଲେ ଡରି । ୪୪୧
ଅର୍ଜୁନ ବିଚାରଇ ୟେ ନୋହଇ ସାମାନ୍ୟ
ୟେହାକୁ ଜିଣିମାକୁ ମୁଂ ନୋହଇ ଭାର୍ଜନ । ୪୪୨
ୟେମନ୍ତ ବିଚାରି ସେ ଯେ ବାସବ କୁମର
ଅର୍ବୁଦେକ ବାଛି ବିନ୍ଧିଲାକ ଶର । ୪୪୩
ବିରୂପାକ୍ଷ ଅସୁର ଦେଖିଲା ତା ଦୂରେ
ଛେଦି ପକାଇଲା କିଞ୍ଚିତ ପ୍ରକାରେ । ୪୪୪

ଶୁଣ ହୋ ରାଜନ ବଦୟନ୍ତି ବ୍ରହ୍ମବେତ୍ତା
ତିନି ଦିବସ ତିନି ରାତ୍ର ଯୁଦ୍ଧ ଅପ୍ରମିତା । ୪୪୫
ସହଦେବଙ୍କୁ ଚାହିଂ ବୋଲନ୍ତି ଧର୍ମନାନ
କେମନ୍ତେ ଅସୁର ହୋଇବ ନାଶମାନ । ୪୪୬
ଯୁଝେଷ୍ଠିଙ୍କ ଆଗ୍ୟାଂରେ ମନ୍ତ୍ରୀ ଚୂଡାମଣି
କର ପଲ୍ଲବକୁ ସେ ଚାହିଂଲା ତତକ୍ଷଣି । ୪୪୭
ଯୁଝେଷ୍ଠିଙ୍କ କହି ମାଦ୍ରୀ ଦେବୀଙ୍କର ଚାଟେ
ଅମୃତ ଲିଙ୍ଗ ଅଛି ଅସୁର ଲାଭିତଟେ । ୪୪୮
ଅଗ୍ନିଶର ଯେବେ ଲାଭିରେ ପଡିବ
ତେବେ ସେ ଅସୁର ପ୍ରାଣତ୍ୟାଜ ହେବ । ୪୪୯
ହୃଦକୁ ପଶୁପତ୍ର ବିନ୍ଧନ୍ତୁ ବୀର ପାଥ
ଅଧାଚନ୍ଦ୍ର ବାଣେ ଛିଡିବ ମୁଣ୍ଡ ଲୋହିତାକ୍ଷ ସୁତ । ୪୫୦

ୟେ ତିନି ଶର ପାର୍ଥ ବିନ୍ଧନ୍ତୁ ବେଗେ ଟାଣି
ଅସୁର ପ୍ରାଣ ହରନ୍ତୁ ଏହିକ୍ଷଣି । ୪୫୧
ୟେମନ୍ତ ମନ୍ତ୍ରୀ ଯହୁଂ କହିଲା ସନ୍ଦେଶ
ଶୁଣି ପଞ୍ଚୁ ଭ୍ରାଥେ ହୋଇଲେ ହରଷ । ୪୫୨
ଅଶସ୍ତମା ବୋଇଲେ ଶୁମ ବୀର ପାଥ
ୟେ ଦତ୍ୟକୁ ବେଗେ କର ପ୍ରାଣେ ହତ । ୪୫୩
ଶୁଣିଣ ଅର୍ଜୁନ ଯେ ମନେ ଗରୁ ଖଙ୍ଗ
ଲାଞ୍ଜ ମାଡିଲେ ଯେହ୍ନେ ଗର୍ଜଇ ପନ୍ନଂଗ । ୪୫୪
କାଳାନଳ ଶର କାଢିଲାକ ତ୍ରୋଣୁଂ
ଗାଣ୍ଡୀମେ ବସାଇଲା କରି କୋପ ମନୁ । ୪୫୫
ପଶୁପତ୍ର ଶର ମଧ୍ୟେ ଗୁଣେ ଥୋଇଂ
ଅଧାଚନ୍ଦ୍ର ପୁଣ ଗାଣ୍ଡୀମେ ବସାଇଂ । ୪୫୬
ୟେ ତିନି ଶର ଯହୁଂ ବସାଇ ପାର୍ଥ ଗୁଣେ
ଶଙ୍ଖ ଚକ୍ର ଗଦା କି ଧଇଲେ ନାରାୟଣେ । ୪୫୭
ବିଶ୍ୱରୂପେ ଅର୍ଜୁନ ଶରନ୍ତ ଓଟାରି
ଶରମୁନେ ରହିଲା କି ସପତ ସିନ୍ଧୁ ବାରି । ୪୫୮
ଇନ୍ଦ୍ରାଦି ଦେବତାୟେ ଦେଖି ଭୟେ କଲେ
ଦିନ ଥାଉଂ ଥାଉଂ ଆଦିତ୍ୟ ଅସ୍ତ ହେଲେ । ୪୫୯
ତେରେଣ ବାସୁକି ନ ଟେକଇ ଶିର
ଅର୍ଜୁନ ଓଟାରି ଯେ ବିନ୍ଧିଲା ତୀକ୍ଷଶର । ୪୬୦
ଅହିବ୍ରତେ ବଜ୍ରଘାତ କି ଶରଙ୍କ ଗର୍ଜନ
ଲାଭିରେ ପଡିଲା ୟେ ଶର ହୁତାଶନ । ୪୬୧
ବୁକୁରେ ପଡିଲା ପଶୁପତ୍ର ଶର
ଅଧାଚନ୍ଦ୍ର ପଡିଲା କଣ୍ଠର ଉପର । ୪୬୨
ମହା ଅଗ୍ନିଶର ଲାଭିରେ ପଡିଲା
ଲାଭି ମଣ୍ଡଳକୁ ସେ ଯେ ବେଗେଂ ହାନ୍ଦୋଳିଲା । ୪୬୩
ଅମୃତ ଲିଙ୍ଗପରେ ପଡିଲାକ ମାଡି
ଅଗ୍ନିର ତେଜେ ସେ ଶୂନ୍ୟେ ଗଲା ଉଡି । ୪୬୪

କଣ୍ଠକୁ ଅଧାଚନ୍ଦ୍ର ବିରୋଳି କାଟିଲା
ତକ୍ଷଣେ ମୁଣ୍ଡ ତାର ଛେଦି ପକାଇଲା । ୪୬୫
ପଶୁପତ୍ର ତାର ପଡିଲା ହୃଦଗତେ

ବେନି ଫାଳ ହୋଇ ଯେ ପଡିଲା ଦଇତେ । ୪୬୬
ଉତ୍ତାନସାହୀ ହୋଇ ପଡିଲା ଅସୁର
ଛାଡିଲା ସିଂଘ ରଡି କର୍ିଲା ତିନିପୁର । ୪୬୭
ପ୍ରାଣ ଛାଡିଲା ସେ ପଡିଲା ଧରଣୀ
ସମସ୍ତେ ପ୍ରଶଂସା କରନ୍ତି ଅର୍ଜୁନକୁ ପୁଣି । ୪୬୮
ସ୍ୱର୍ଗେଣ ଯୁଦ୍ଧ ଦେଖୁଥିଲେ ବୃନ୍ଦାଅର୍କେ
ଅର୍ଜୁନ ଶିରେ କୁସୁମ ବୃଷ୍ଟି କରନ୍ତି ଦେବଲୋକେ । ୪୬୯
ଦୁନ୍ଦୁଭି ଶବଦ କରନ୍ତି ଦେବାଙ୍ଗନା
ଦୁତୀ କୃଷ୍ଣ ରୂପ ବାସବସୁତ ସିନା । ୪୭୦
ଅର୍ଜୁନକୁ ଯୁଝେଷ୍ଠି ବୋଲନ୍ତି ବଚନ
ଶତେ ଭ୍ରାଥ ଯେମନ୍ତେ ପାଇବେ ଜୀବନ । ୪୭୧
ନୋହିଲେ ଜୀବନେ ନାହିଂ ମୁହିଂ ବ୍ରତି
ୟେମନ୍ତ କହିଂ ଯୁଝେଷ୍ଠି କ୍ରୋଧ ଯେ କରନ୍ତି । ୪୭୨
ଯୁଝେଷ୍ଠିଙ୍କର ନିଷ୍ଠୁର ଶୁଣି ପାର୍ଥ
ମନରେ ଧ୍ୟାନ ସେ କରଇଂ ଶଚୀନାଥ । ୪୭୩
ଜୟ ତୁ ବଜ୍ରଧର ଦେବଙ୍କ ଶିରୋମଣି
ଦଇନି କରଇଂ ମୁଂ ଯେ ଆସିବା ୟେହିକ୍ଷଣି । ୪୭୪
ଜୟ ତୁ ପିତାମହ ଅମର ଅଧିକାରୀ
ଅମୃତ ଘେନି ବିଜୟେ କରିବା ବଜ୍ରଧାରୀ । ୪୭୫
ଅନେକ ସ୍ତୁତି ଯହୁଂ କଲାକ ଅର୍ଜୁନ
ଧ୍ୟାନେଣ ଜାଣିଲେ ବେଦ ମଘବାନ । ୪୭୬
ସାରଥିକି ଆଜ୍ଞା ଦିଲା ସୁନାସୀର
ବେଗେ ହୋ ମାତଳି ରଥ ସଜ କର । ୪୭୭
ଶୁଣିଣ ମାତଳି ରଥ ସଜକଲା
ପୁରନ୍ଦର ଆଗରେ ନେଇଂ ଉଭାରିଲା । ୪୭୮

ବିଦ୍ୟାଧରମାନେ ହୋଇଲେ ଯେ ସଜ
ଦୁନ୍ଦୁଭି ବିଜାଇ ବିଜୟେ ଦେବରାଜ । ୪୭୯
ତେତିଶ କୋଟି ଦେବ ଘେନିଣ ଆଖଣ୍ଡଳ
ଅଜଙ୍ଗପାଦ ବନେ ବିଜୟ ଦେବତା ସକଳ । ୪୮୦
ଦେବତାନ୍ତ ଦେଖି ଯୁଝେଷ୍ଠି ଆସନ ଉପେଖି
ରଥରୁ ଉତୁରିଲେ ଦେବ ସହସ୍ରାକ୍ଷି । ୪୮୧
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
ବାସବଙ୍କୁ ନମସ୍କାର କଲେ ପଞ୍ଚୁ ଯେ ପାଣ୍ଡବ । ୪୮୨
ଅନ୍ତରୀକ୍ଷେ ରହି ବୋଇଲେ ମଘବା
କି କାର୍ଯ୍ୟେ ସୁମରଣା କଲ ମୋର ବାବା । ୪୮୩
ଯୁଝେଷ୍ଠି ବୋଇଲେ ତାତ ସଙ୍କଟ କାଳ ମୋର
ମାନବୋବିନ୍ଦ ଶତେ ଭାଇ ମୋର ଅଟନ୍ତି ସହୋଦର । ୪୮୪
ଭାନୁମତ ରାଜ୍ୟରୁ ଯେ ଭାନୁମତୀ ଘେନି
ଆପଣା ରାଜ୍ୟକୁ ୟେ ଥାଠ ଯେ ପଲାଣି । ୪୮୫
ବିରୂପାକ୍ଷ ବୀର ସମସ୍ତଙ୍କୁ ନାଶ କରି
ସେ ରାକ୍ଷସକୁ ପାର୍ଥ ସାଂଗ୍ରାମେ ନିବାରି । ୪୮୬
ୟେ ତୋର ପ୍ରସାଦେ ସେ ମଲାଟି ଅସୁର
ଜୀଆଇଂ ଦେବା ତାତ ଶତେ ଭାଇ ମୋର । ୪୮୭
ଶୁଣିଣ ଶଚୀସାଇଂ ହରଷ ହୋଇଂ

ଅମୃତା ଶରେକ ଯେ ଅର୍ଜୁନ କରେ ଦେଇଂ । ୪୮୮
ବଦନ୍ତି ପୁରନ୍ଦର ଶୁମ ଫାଲଗୁନି
ବିନ୍ଧ ଥାଠ ସୈନ୍ୟ ଜୀଇଂବେ ବହନି । ୪୮୯
ଶୁଣିଣ ବିବଛ ତାହା ଗାଣ୍ଡିମେ ପୁରୋଇ
ବିନ୍ଧିଲା ନାରାଜ ମୃତ୍ୟୁ ଥାଠକଇଂ । ୪୯୦
ମାନଗୋବିନ୍ଦ ଆଦି ଅଠାଳୋଇଂ ଭାଇ
ଅମୃତ ଶର ଲାଗି ଉଠିଣ ଉଭା ହୋଇଂ । ୪୯୧
ମୃତ୍ୟୁ ଥାଠ ତାର ଉଠନ୍ତି ତତତି
କର୍ଣ୍ଣକୁ ପଚାରଇ ମାନଚକ୍ରବ୍ରତୀ । ୪୯୨

ଭୋ ମଇତ୍ର ସନ୍ୟ ମୋର କି- ।ଇଂ ଅପହାର
କର୍ଣ୍ଣ ବୋଇଲା ମଇତ୍ର ମାଇଲା ଅସୁର । ୪୯୩
ସମସ୍ତଙ୍କୁ ମାରି ଭାନୁମତୀକି ନିଅନ୍ତେ
କାହୁଂ ପାଣ୍ଡବେ ଆସି ମିଳିଲେ ୟେ ବନସ୍ତେ । ୪୯୪
ୟେତେ ବଡ ଦାନବ ଅର୍ଜୁନ ବଧ କଲା
ଅମୃତା ଶରେ ପୁଣ ତୁମ୍ଭନ୍ତ ଜୀଂଆଇଲା । ୪୯୫
ଶୁଣି ମାନଗୋବିନ୍ଦ ମଉନବ୍ରତ ହୋଇ
ପାଣ୍ଡବଙ୍କୁ ସମସ୍ୟା ନ ଦିଲା କୁରୁସାଇଂ । ୪୯୬
ଧୁଶାସନ ଆଦି ସକଳ ସନ୍ୟ ତାର
ଘଡିକର ମଧ୍ୟେ ଯେ ପାଇଲେ ଶରୀର । ୪୯୭
ଦ୍ରିଯୋଧନ ଯାଇଂ ବସିଲାକ ରଥେ
ସମଦଣ୍ଡ ଚଳୁ ବୋଇଲା କୁରୁନାଥେ । ୪୯୮
ରାଜାର ବଚନେ ଯେ ଚଳିଲେ ସର୍ବ ସଇନ
ଦମା ଦୁନ୍ଦୁଭି ଯେ ବାଜଇ ବିଦ୍ୟମାନ । ୪୯୯
ଭାନୁମତୀକି ଘେନି ଚଳଇ କୁରୁସାଇଂ
ମୂର୍ଖ ସ୍ୱଭାବେଣ ଅଟଇ ମନ୍ଦବାଇ । ୫୦୦
ୟୁଝେଷ୍ଠିଙ୍କି କିଛି ସମସ୍ୟା ନ ଦିଲା
ପାଣ୍ଡବଙ୍କୁ ଦେଖି କିନ୍ତୁ ଯେ ମଣିଲା । ୫୦୧
ଯହୁଂ ହସ୍ତିନାକୁ ପ୍ରବେଶ କୁରୁସାଇଂ
ଇନ୍ଦ୍ର ଦେବତାୟେ ସୁରପୁରକଇ ଯାଇଂ । ୫୦୨
ଅପମାନ ପାଇଂ ପାଣ୍ଡବ ପଞ୍ଚରାଣ
ବାରୁଣାବନ୍ତକୁ ଯେ କରନ୍ତି ପୟାଣ । ୫୦୩
ଧୃତରାଷ୍ଟ୍ର ଆଗେଣ ସଞ୍ଜୟେ ଯେ କହି
ଶୁଣିମା ସାବଧାନେ ଅମ୍ବିକାତନୟି । ୫୦୪
ଭାନୁମତ ରାଜ୍ୟରୁ ବିଭା ହୋଇଂ ଭାନୁମତୀ
ସମ୍ପୂର୍ବେ ଆସଇ ଦ୍ରିଯୋଧନ କୁରୁପତି । ୫୦୫
ସମଦଣ୍ଡ ଘେନିଣ ଆସନ୍ତେଣ ବାଟେ
ଅଜଙ୍ଗପାଦ ବନେ ଭେଟିଲା ଲୋହିତାକ୍ଷ ସୁତେ । ୫୦୬

ସମସ୍ତ ସନ୍ୟ ତୋର ମାରି କଲା ଶେଷ
କର୍ଣ୍ଣ ଦ୍ରିଯୋଧନ ସମସ୍ତଙ୍କୁ ମାରି ଅସୁର ରାକ୍ଷସ । ୫୦୭
ଭାନୁମତୀକି ନେମାକୁ ବିଚାରେ ଦଇତ । ୫୦୮
ୟେମନ୍ତ ସମୟେ ନାରଦ ଦେବରଷି
ପ୍ରୟାଗକୁ ଆସନ୍ତି ଅଜଙ୍ଗ ବନେ ପଶି । ୫୦୯
ଦେଖିଲେ ସେଠାରେ ମୃତ୍ୟୁ ଶବ ଥାଠ

ନାରଦେ କହିଲେ ଯାଇଂ ଯୁଝେଷ୍ଠିଙ୍କି ଅଗ୍ରତ । ୫୧୦
ଭୀମସେନ ଅର୍ଜୁନ ନକୁଳ ସହଦେବ ଘେନି
ଅନେକ ଯୁଦ୍ଧ କଲେ ଅସୁର ସଙ୍ଗେ ପୁଣି । ୫୧୧
ସହଦେବ କହିଲା ତାର ମୃତ୍ୟୁ ଭେଦ
ଅର୍ଜୁନ ବିନାଶ କଲାକ ଦନୁଜ । ୫୧୨
ଅମୃତ ଶରେକ ଯେ ମାଇଲା ସର୍ବସାଚୀ
ଅମୃତ ଆହାରେ ଶତେ ଭାଇ ଉଠି । ୫୧୩
ଦେଖିଣ ଦ୍ରିଯୋଧନ ବୀର ତୋର କଲା ଅପମାନ
ଯୁଝେଷ୍ଠି ଗଲେ ସେ ବାରୁଣା ଭୁବନ । ୫୧୪
ଶୁଣ ଧୃତରାଷ୍ଟ ହରଷ ବିରସ ମନ
ବିଦୁରକୁ ରାଇ ଆଗ୍ୟାଂ ଦିଲାକ ରାଜନ । ୫୧୫
ପୁତ୍ରେ ଯେବେ ଉଦିତ ହୋଇଲେ ମୋହୋର
ପୁରେଣ ଉଛବ ତୁ କର ହୋ ବିଦୁର । ୫୧୬-୫୧୯୦
**********